### ଅନ୍‌ଲାଇନ୍ ଟ୍ରେଡିଂ ଆପ୍ ଠକେଇ ମାମଲା

# ଠକ ସଂସ୍ଥାର ୧.୫କୋଟି ଟଙ୍କା ଜବତ କଲା ଇଡି

**ଭୁବନେଶ୍ୱର, ୧୧ା୨(ସମିସ):** ଅନ୍‌ଲାଇନ୍ ଟ୍ରେଡିଂ ଆପ୍ ଠକେଇ ମାମଲାରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡ଼ି) କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଠକେଇ କରିଥିବା ୧୮ ଫୁଟ୍‌ବଲ୍.କମ୍ ସଂସ୍ଥାର ୧.୫ କୋଟିର ସମ୍ପତ୍ତି ଜବତ କରିଛି ଇଡ଼ି। ଠକେଇ ଟଙ୍କାରେ ସଂସ୍ଥା ନାମରେ ଜମି କିଣାଯାଇଥିଲା। ଇଡ଼ି ତଦନ୍ତ କରିବା କରିବା ପରେ ୧.୫କୋଟିର ସମ୍ପତ୍ତି ଏହି ଠକେଇ ଟଙ୍କାରୁ ହୋଇଥିବା ଜଣାପଡ଼ିଥିଲା। ତେଣୁ ଇଡ଼ି ଏହି ଠକେଇ ଟଙ୍କାରେ ହୋଇଥିବା ସମ୍ପତ୍ତିକୁ ଜବତ କରିଛି। ଏଥିରେ ପ୍ଲଟ୍, ନଗଦ ଟଙ୍କା ଏବଂ କୋଠା ରହିଛି।

ସୂଚନାନୁସାରେ, ୧୮ ଫୁଟ୍‌ବଲ୍.କମ୍ ସଂସ୍ଥା ଅନ୍‌ଲାଇନ୍ ଟ୍ରେଡିଂ କରି ରାତାରାତି କୋଟିପତି ହେବାକୁ ଲୋକଙ୍କୁ ସ୍ୱପ୍ନ ଦେଖାଇଥିଲେ। ଏପରିକି ଠକ ସଂସ୍ଥା ଏକ୍ ଆପ୍ ପ୍ରସ୍ତୁତ କରିଥିଲା। ଏହି ଆପ୍ ମାଧ୍ୟମରେ ଏକାଧିକ ଲୋକେ ଟଙ୍କା ଲଗାଇଥିଲେ। ଏଥିରେ ବିଭିନ୍ନ ପ୍ରକାର ରିଚାର୍ଜ କରିବାର ବ୍ୟବସ୍ଥା ରହିଥିଲା। ୨ହଜାର ଟଙ୍କାର ରିଚାର୍ଜ କଲେ ୪ ହଜାର ମିଳୁଥିଲା। ଲୋକେ ଲୋଭରେ ପଡ଼ି ଏହି ଆପ୍ ମାଧ୍ୟମରେ ଲକ୍ଷାଧିକ ଟଙ୍କା ଲଗାଇଥିଲେ। ଟଙ୍କା ଲଗାଇବା ପରେ ସଂସ୍ଥା ତା'ର ଅଫିସ୍ ଏବଂ ଆପ୍‌କୁ ବନ୍ଦ କରି ଦେଇଥିଲା। ଠକାମିର ଶିକାର ହୋଇଥିବା ଏକାଧିକ ବ୍ୟକ୍ତି ଇଓଡବ୍ଲ୍ୟୁରେ ଅଭିଯୋଗ କରିଥିଲେ। ଇଓଡବ୍ଲ୍ୟୁ ମାମଲା ଆଧାରରେ ଇଡ଼ି ତଦନ୍ତ କରି ମନି ଲଣ୍ଡରିଂ ଲିଙ୍କ୍ ପାଇଥିଲା।

# ୧୩ ଜିଲ୍ଲାରେ ନୂଆ ସଭାପତି ନିଯୁକ୍ତ କଲା ରାଜ୍ୟ କଂଗ୍ରେସ

**ଭୁବନେଶ୍ୱର, ୧୧ା୨(ସମିସ):** ୧୩ ଜିଲ୍ଲାରେ ନୂଆ ସଭାପତି ନିଯୁକ୍ତ କରିଛି ରାଜ୍ୟ କଂଗ୍ରେସ। ବରଗଡ଼ ଜିଲ୍ଲାର ସଭାପତି ଭାବେ ହରଦୀପ ସିଂଙ୍କୁ ନିଯୁକ୍ତ କରାଯାଇଥିବା ବେଳେ ଢେଙ୍କାନାଳ ପାଇଁ ସୁନୀଲ୍ ଦାସ, ଗଞ୍ଜାମ (ପୂର୍ବ) ଦୀପକ ପଟ୍ଟନାୟକ, ଗଞ୍ଜାମ (ପଶ୍ଚିମ) ରବୀନ୍ଦ୍ର ଶର୍ମା, କନ୍ଧମାଳ ଜିଲ୍ଲା ଚନ୍ଦ୍ରଶେଖର ପରିଡ଼ା, କୋରାପୁଟ ଶଶିଭୂଷଣ ପାତ୍ର, ମୟୂରଭଞ୍ଜ (ପୂର୍ବ) ନୀରଜ ଦାସ, ମୟୂରଭଞ୍ଜ (ପଶ୍ଚିମ) ଭୂବନ ବିହାରୀ ସାହୁ, ଖୋର୍ଦ୍ଧା ତପନ ଚକ୍ରବର୍ତ୍ତୀ, ବଲାଙ୍ଗିର ସୁରେନ୍ଦ୍ର ସିଂ ଭୋଇ, ରାଉରକେଲା ରବୀ ରାୟ, ଝାରସୁଗୁଡ଼ା ସୁବ୍ରତ ପ୍ରଧାନ ଓ ସମ୍ବଲପୁର ପାଇଁ ଜୟଶଙ୍କର ମିଶ୍ରଙ୍କୁ ଜିଲ୍ଲା ସଭାପତି ଭାବେ ନିଯୁକ୍ତି ମିଳିଛି। ଏନେଇ ରବିବାର ରାଜ୍ୟ କଂଗ୍ରେସର ବରିଷ୍ଠ ଉପସଭାପତି ଶିବାନନ୍ଦ ରାୟ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଏହି ସୂଚନା ଦେଇଛନ୍ତି।

### କଂଗ୍ରେସ ପାଇଁ କାମଦେଲା 'ପ୍ରଗମନ'

# ଗତଥର ତୁଳନାରେ ବହୁଗୁଣା ବଢ଼ିଛି ଆବେଦନ

**ଭୁବନେଶ୍ୱର, ୧୧ା୨(ସମିସ):** ରାଜ୍ୟରେ କଂଗ୍ରେସ ଟିକେଟ ପାଇଁ ଆଶାୟୀଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖାଦେଇଛି। ୨୦୧୯ ନିର୍ବାଚନରେ ୧୪୭ ବିଧାନସଭା ପାଇଁ ୪୩୫ଜଣ ଓ ୨୧ଲୋକସଭା ଆସନ ପାଇଁ ୭୦ଜଣ ଆଶାୟୀ ଆବେଦନ କରିଥିବା ବେଳେ ଏଥର ବିଧାନସଭା ପାଇଁ ୨୫୦୦ରୁ ଅଧିକ ଓ ଲୋକସଭା ପାଇଁ ୬୭୦ରୁ ଅଧିକ ଆଶାୟୀ ଆବେଦନ କରିଛନ୍ତି। ପିସିସି ସଭାପତି ଶରତ ପଟ୍ଟନାୟକ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ଏହା କହିଛନ୍ତି। ସେ କହିଥିଲେ ଯେ କଂଗ୍ରେସ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରାର୍ଥୀ ବାଛିବା ଓ ଟିକେଟରେ ସ୍ୱଚ୍ଛତା ଆଣିବା ଉଦ୍ଦେଶ୍ୟରେ ପ୍ରଯୁକ୍ତିବିଦ୍ୟାର ସହାୟତା ନେଇଥିଲା। ଦଳ ପକ୍ଷରୁ ଶୁଭାରମ୍ଭ ହୋଇଥିବା 'ପ୍ରଗମନ' ୱେବସାଇଟ୍‌ରେ ହିଁ କେବଳ ଟିକେଟ ଆବେଦନ କରିବା ଲାଗି ନିଷ୍ପତ୍ତି ନିଆଯାଇଥିଲା। ଏହି ପଦ୍ଧତିରେ ଅନେକ ଆଶାୟୀ କଂଗ୍ରେସରୁ ପ୍ରାର୍ଥୀ ହେବାକୁ ଆବେଦନ କରିଛନ୍ତି ବୋଲି ସେ କହିଛନ୍ତି। ଏଥିପାଇଁ ରାଜ୍ୟବାସୀଙ୍କୁ ପିସିସି ସଭାପତି କୃତଜ୍ଞତା ଜ୍ଞାପନ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ଫେବୃଆରୀ ୧୪ତାରିଖରେ ପ୍ରଗମନ ଦ୍ୱିତୀୟ ପର୍ଯ୍ୟାୟରେ କାର୍ଯ୍ୟକ୍ରମ ଆରମ୍ଭ ହେବ। କଂଗ୍ରେସ ପୂର୍ବରୁ ବ୍ଲକ ସଭାପତି ଓ ଜିଲ୍ଲା ସଭାପତିଙ୍କ ଜରିଆରେ ଆଶାୟୀଙ୍କ ରିପୋର୍ଟ ସଂଗ୍ରହ କରିଥିଲା। ଏହି ସବୁ ରିପୋର୍ଟକୁ ଭିତ୍ତି କରି ପ୍ରଦେଶ ଇଲେକ୍ସନ୍ କମିଟି ବୈଠକ ବସିବ। ଏଆଇସିସି ସ୍କ୍ରିନିଙ୍ଗ୍ କମିଟି ମଧ୍ୟ ଆଶାୟୀ ପାର୍ଥୀମାନଙ୍କୁ ଯାଞ୍ଚ କରିବ ଓ ପରେ କଂଗ୍ରେସର କେନ୍ଦ୍ରୀୟ ନିର୍ବାଚନ କମିଟି ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ଘୋଷଣା କରିବ।














**ସମ୍ବଲପୁରରେ '୫-ଟି' ଅଧ୍ୟକ୍ଷ**

(୧) ମାଁ ସମଲେଇଙ୍କୁ ପୂଜାର୍ଚ୍ଚନା। (୨) ହାଫ୍ ମାରାଥନର ଶୁଭାରମ୍ଭ। (୩) ବୀର ସୁରେନ୍ଦ ସାଏ କ୍ରିକେଟ୍ ଷ୍ଟାଡିୟମ୍‌ରେ ବ୍ୟାଟିଂ। (୪) ଭିମ୍‌ସାର୍ ବିକାଶ ପାଇଁ କର୍ତ୍ତୃପକ୍ଷଙ୍କ ସହ ଆଲୋଚନା। (୫-୬)କେନ୍ଦୁପତ୍ର ତୋଳାଳି ଓ କର୍ମଚାରୀଙ୍କ ସହ ଆଲୋଚନା ଏବଂ ଅଭିଯୋଗ ପତ୍ର ଗ୍ରହଣ କରିବା ଅବସରରେ କାର୍ତ୍ତିକ ପାଣ୍ଡିଆନ।

### କଳିଙ୍ଗ ସାହିତ୍ୟ ମହୋତ୍ସବ

# ସାହିତ୍ୟ, ସିନେମା ଓ ସଙ୍ଗୀତର ଯୁଗଳବନ୍ଦୀ

**ଭୁବନେଶ୍ୱର, ୧୧ା୨(ସମିସ):** କଳିଙ୍ଗ ସାହିତ୍ୟ ମହୋତ୍ସବ (କେଏଲ୍‌ଏଫ୍)ର ତୃତୀୟ ଦିନରେ ସାହିତ୍ୟପ୍ରେମୀ ଓ ସିନେପ୍ରେମୀମାନେ ଏକାଠି ହୋଇ ସାହିତ୍ୟ, ସିନେମା ଓ ସଙ୍ଗୀତର ସୌହାର୍ଦ୍ଦ୍ୟପୂର୍ଣ୍ଣ ମିଶ୍ରଣ ପାଳନ କରିଥିଲେ। ମହୋତ୍ସବରେ ଆକର୍ଷଣୀୟ ଅଧିବେଶନ, ବୁଝାମଣାମୂଳକ ଆଲୋଚନା ଓ ସାହିତ୍ୟିକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରସିଦ୍ଧ ଭାରତୀୟ ଚଳଚ୍ଚିତ୍ର ନିର୍ଦ୍ଦେଶକ ରାହୁଲ ରାୱାଇଲ ଦୁଇଟି ଅଧିବେଶନରେ ଯୋଗଦେଇ ରାଜ କପୁରଙ୍କ ଶୈଳୀ ଓ ପରମ୍ପରା ବଷୟରେ ଆଲୋଚନା କରିଥିଲେ। ଲକ୍ଷ୍ମୀ ମୁର୍ଦ୍ଦେଶ୍ୱର ପୁରୀଙ୍କ ପ୍ରଥମ ଉପନ୍ୟାସ 'ସ୍ୱର୍ଲିଂ ଦ ସନ୍' ଶୀର୍ଷକ ଏକ ଅଧିବେଶନରେ କନିଷ୍କା ଗୁପ୍ତା ପୁସ୍ତକର ବିଷୟବସ୍ତୁ ଓ ପ୍ରଭାବ ବିଷୟରେ ଗଭୀର ଆଲୋକପାତ କରିଥିଲେ। ପ୍ରଭାତ ରଞ୍ଜନଙ୍କ ସଂଯୋଜନାରେ ଅନୁଷ୍ଠିତ ଅନ୍ୟ ଏକ ଅଧିବେଶନରେ ହିନ୍ଦୀ ସାହିତ୍ୟର ପରୀକ୍ଷଣ ଉପରେ ଆଲୋକପାତ କରାଯାଇଥିଲା।




ଏହି ଅବସରରେ କଳିଙ୍ଗ ସାହିତ୍ୟ ମହୋତ୍ସବର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ରଶ୍ମି ରଞ୍ଜନ ପରିଡ଼ା କହିଲେ, ମନର ରୂପ ଦେବା, ସଂସ୍କୃତିକୁ ଯୋଡ଼ିବା ଏବଂ କୌତୂହଳର ଜ୍ୟୋତି ପ୍ରଜ୍ୱଳିତ କରିବା ପାଇଁ ସାହିତ୍ୟର ପରିବର୍ତ୍ତନଶୀଳ ଶକ୍ତିରେ ମୁଁ ବିଶ୍ୱାସ କରେ। କଳିଙ୍ଗ ସାହିତ୍ୟ ମହୋତ୍ସବ-୨୦୨୪ ସାହିତ୍ୟ ଓ ସିନେମାର ମିଶ୍ରଣ ସହ ବୌଦ୍ଧିକ ବିନିମୟ ଏବଂ ସୃଜନଶୀଳ ପ୍ରେରଣା ପାଇଁ ଏକ ମଞ୍ଚ ପ୍ରଦାନ କରିଛି। ଏହି ଅବସରରେ ବିଭିନ୍ନ ବ୍ୟକ୍ତିଙ୍କୁ ପୁରସ୍କୃତ କରାଯାଇଥିଲା। ସାହିତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଲେଖକ ଲକ୍ଷ୍ମୀ ମୁର୍ଦ୍ଦେଶ୍ୱର ପୁରୀଙ୍କୁ କଳିଙ୍ଗ ସାହିତ୍ୟ ପୁରସ୍କାର-୨୦୨୪ ପ୍ରଦାନ କରାଯାଇଥିଲା। ସେହିପରି ବିଶିଷ୍ଟ ଗାୟିକା ଉଷା ଉଥୁପଙ୍କୁ ଚଳିତ ବର୍ଷର 'ନ୍ୟାସିନାଲ ଲିଜେଣ୍ଡ ଆୱାର୍ଡ' ପ୍ରଦାନ କରାଯାଇଥିଲା। ୨୦୨୩ ବର୍ଷ ପାଇଁ ପ୍ରଦାନ କରାଯାଉଥିବା କେଏଲ୍‌ଏଫ୍ ପୁସ୍ତକ ସମ୍ମାନରେ ଫିକ୍ସନ୍ ଓ ହିନ୍ଦୀ ପାଇଁ ଉଦୟ ପ୍ରକାଶ, ସତ୍ୟ ବ୍ୟାସ, ବିହାଗ ବୈଭବ, ପ୍ରଭାତ ରଞ୍ଜନଙ୍କୁ ସମ୍ମାନିତ କରାଯାଇଥିଲା। ସେହିଭଳି ଇଂରାଜୀ ବର୍ଗରେ ବୌହିନୀ ଭରା, ମନୋଜ ମିଟ୍ଟା, ରବିନ୍ ଏସ୍ ନାଗନଗୋମ୍, ଜିଭେଜି ପ୍ରସାଦ, ବିଜଲ ବଛାରାଜାନୀ, ଅକ୍ଷୟ ରଥ, ସୋହନୀ ଚଟ୍ଟୋପାଧ୍ୟାୟ ପ୍ରମୁଖ ବିଜେତା ହୋଇଥିଲେ।

# ୬୦ ବିଧାନସଭା ଓ ୧୦ ଲୋକସଭା ଆସନରେ ପ୍ରାର୍ଥୀ ଦେବ ଏଲ୍‌ଜେପିଆର୍

ଭୁବନେଶ୍ୱର, ୧୧ା୨(ସମିସ): ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପାଇଁ ଏଲ୍‌ଜେପିଆର (ଲୋକ ଜନଶକ୍ତି ପାର୍ଟି-ରାମ ବିଳାସ) ଓଡ଼ିଶାରେ ଉଭୟ ଲୋକସଭା ଓ ବିଧାନସଭା ପାଇଁ ପ୍ରାର୍ଥୀ ଦେବ। ଆଗାମୀ ଦିନରେ ଦଳୀୟ ସଂଗଠନକୁ ମଜଭୁତ କରିବା ସହ ଲୋକମାନଙ୍କୁ ଦଳକୁ ଆଣିବା ପାଇଁ ଦଳ ତରଫରୁ ବିଭିନ୍ନ ସ୍ଥାନରେ ସଭା ସମିତି ଓ ରୋଡ୍ ଶୋ' କରିବ। ୨୦୨୪ ସାଧାରଣ ନିର୍ବାଚନ ନିମନ୍ତେ ଓଡ଼ିଶାରେ ୧୦ଟି ଲୋକସଭା ଓ ୬୦ଟି ବିଧାନସଭା ଆସନରେ ଦଳ ପ୍ରାର୍ଥୀ ଦେବ ବୋଲି ରାଜ୍ୟଶାଖା ସଭାପତି ରାଜନ ଲାଲ ଶ୍ରୀବାସ୍ତବ ଗଣମାଧ୍ୟମକୁ କହିଛନ୍ତି।

ରବିବାର ଭୁବନେଶ୍ୱରରେ ଅନୁଷ୍ଠିତ ବୈଠକରେ କାର୍ଯ୍ୟକାରୀ ସଭାପତି ଚିତ୍ତରଞ୍ଜନ ମଲ୍ଲିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ରାଷ୍ଟ୍ରୀୟ ସଚିବ ତଥା ଓଡ଼ିଶା ପ୍ରଭାରୀ ରବି ଟିକ୍କୁ ଉପସ୍ଥିତ ରହି କର୍ମୀମାନଙ୍କୁ ଉତ୍ସାହିତ କରିବା ସହ ଦଳକୁ ଆହୁରି ମଜଭୁତ କରିବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟର ୨୦ଟି ଜିଲ୍ଲାରେ ଦଳର ସଂଗଠନ ରହିଥିବା ବେଳେ ନିର୍ବାଚନ ପୂର୍ବରୁ ବାକି ୧୦ଟି ଜିଲ୍ଲାରେ ଶାଖା ଖୋଲିବା ସହ ସଭ୍ୟ ସଂଗ୍ରହ କରାଯିବ ବୋଲି ସେ କହିଥିଲେ। ଏହି ବୈଠକରେ ଜିଲ୍ଲା ସଭାପତି, ବ୍ଲକ ସଭାପତି ଓ ସମ୍ଭାବ୍ୟ ପ୍ରାର୍ଥୀମାନେ ଉପସ୍ଥିତ ରହି ଦଳୀୟ ସଂଗଠନକୁ ମଜଭୁତ କରିବା ସକାଶେ ମତ ରଖିଥିଲେ। ଏହି ଅବସରରେ ସମ୍ଭାବ୍ୟ ପ୍ରାର୍ଥୀମାନେ ନିଜର ବାୟୋଡାଟା ରାଜ୍ୟ ସଭାପତିଙ୍କୁ ପ୍ରଦାନ କରିଥିଲେ। ବୈଠକ ପରିଚାଳନାରେ ରାଜ୍ୟ ଲିଗାଲ ସେଲ୍‌ର ସଚିବ ନିରଞ୍ଜନ କାନୁନଗୋ ଓ ଲିଗାଲ୍ ସେଲ୍‌ର ରାଜ୍ୟ ଉପସଭାପତି ଅବନୀ କୁମାର ପାତ୍ର ଉପସ୍ଥିତ ଥିଲେ।

# ପୁରୁଣା ସିଟି ଓ ବିଇଡି ମହାସଂଘର ଧାରଣା

**ଭୁବନେଶ୍ୱର, ୧୧ା୨ (ସମିସ):** ରାଜ୍ୟରେ ଥିବା ଅଣନିଯୁକ୍ତିପ୍ରାପ୍ତ ପୁରୁଣା ସିଟି ଓ ବିଇଡି ଡିଗ୍ରୀଧାରୀଙ୍କୁ ଅତିଥି ଶିକ୍ଷକ ନିଯୁକ୍ତି ଦାବିରେ ମହାସଂଘ ପକ୍ଷରୁ ଲୋୟର ପିଏମ୍‌ଜିଠାରେ ଗଣଧାରଣା ଜାରି ରହିଛି। ମହାସଂଘର ସଭାପତି ଗୋପବନ୍ଧୁ ମୁଦୁଲି ଓ ସମ୍ପାଦକ କାହ୍ନୁଚରଣ ସାହୁଙ୍କ ନେତୃତ୍ୱରେ ଏହି ଗଣାଧାରଣା ଜାରି ରହିଛି। ଗତ ୭ତାରିଖ ଦିନ ସରକାରଙ୍କଠାରୁ ଡାକରା ପାଇ ମହାସଂଘର କର୍ମକର୍ତ୍ତାମାନେ ମୁଖ୍ୟମନ୍ତ୍ରୀଙ୍କର ଅତିରିକ୍ତ ସଚିବ ରୀତାରାଣୀ ମହାପାତ୍ରଙ୍କୁ ସାକ୍ଷାତ କରି ସିଟି ଓ ବିଇଡି ଡିଗ୍ରୀଧାରୀମାନେ ବିଭିନ୍ନ କାରଣରୁ କିପରି ନିଯୁକ୍ତିରୁ ବଞ୍ଚିତ ହୋଇ ଦୁଃଖକଷ୍ଟରେ କାଳାତିପାତ କରୁଛନ୍ତି, ସେ ସମ୍ପର୍କରେ ଅବଗତ କରିଥିଲେ। ସଚିବ ଶ୍ରୀମତୀ ମହାପାତ୍ର ମହାସଂଘର ଦାବିକୁ ଗ୍ରହଣ କରିବା ସହ ଏନେଇ ସକାରାତ୍ମକ ମତାମତ ପ୍ରଦାନ କରିଥିବାରୁ ସଂଘ ପକ୍ଷରୁ ଗଭୀର କୃତଜ୍ଞତା ଜ୍ଞାପନ କରାଯାଇଛି।

**ଦେଶରେ ପ୍ରଥମ**

# ଦଶମ ଓ ଦ୍ୱାଦଶରେ କିସ୍‌ରୁ ରେକର୍ଡସଂଖ୍ୟକ ପରୀକ୍ଷାର୍ଥୀ

**ଭୁବନେଶ୍ୱର, ୧୧ା୨(ସମିସ):** ଚଳିତ ବର୍ଷ ମାଧ୍ୟମିକ ଶିକ୍ଷା ବୋର୍ଡ ଦ୍ୱାରା ପରିଚାଳିତ ଦଶମ ଓ ଉଚ୍ଚ ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ +୨ ପରୀକ୍ଷାରେ କିସ୍‌ରୁ ରେକର୍ଡ ସଂଖ୍ୟକ ଛାତ୍ରଛାତ୍ରୀ ପରୀକ୍ଷା ଦେବେ। କିସ୍‌ର ୨୦୦୦ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷା ଦେଉଥିବା ବେଳେ ୧୯୦୮ ଛାତ୍ରଛାତ୍ରୀ +୨ ପରୀକ୍ଷା ଦେବେ। ଉଭୟ ଦଶମ ଓ +୨ ପରୀକ୍ଷା ଦେବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ୫୦% ହେଉଛନ୍ତି ଛାତ୍ରୀ। ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ପରୀକ୍ଷାର ଅବ୍ୟବହିତ ପୂର୍ବରୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ଆଜି ଛାତ୍ରଛାତ୍ରୀମାନଙ୍କୁ ପରୀକ୍ଷା ସମ୍ପର୍କିତ ଆବଶ୍ୟକ ପରାମର୍ଶ ଦେବା ସହ ସେମାନଙ୍କୁ କଲମ ବଣ୍ଟନ କରିଥିଲେ। ଏହି ଅବସରରେ ସେ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କ ସଫଳତା କାମନା କରିଥିଲେ। ଦଶମ ଶ୍ରେଣୀ ପିଲାଙ୍କ ପାଇଁ ୟୁନିଟ୍-୮, ବରମୁଣ୍ଡା ଓ ନିଳାଦ୍ରୀ ବିହାର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ଆଇଆରସି ଭିଲେଜସ୍ଥିତ ଭଗବତ୍ ଗୀତା ବିଦ୍ୟାମନ୍ଦିର ଓ ଚନ୍ଦ୍ରଶେଖରପୁରସ୍ଥିତ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପରୀକ୍ଷା କେନ୍ଦ୍ର ହୋଇଛି। ସେହିପରି +୨ ପରୀକ୍ଷାର୍ଥୀଙ୍କ ନିମନ୍ତେ ରାଜଧାନୀ କଲେଜ ଓ ମହର୍ଷି କଲେଜ ଅଫ୍ ନାଚୁରାଲ୍ ଲ' ପରୀକ୍ଷା କେନ୍ଦ୍ର ହୋଇଛି। ଆସନ୍ତା ୨୦ ତାରିଖରୁ ଦଶମ ବୋର୍ଡ ପରୀକ୍ଷା ଆରମ୍ଭ ହେଉଥିବା ବେଳେ ୧୬ ତାରିଖରୁ +୨ ପରୀକ୍ଷା ଆରମ୍ଭ ହେଉଛି। ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପରୀକ୍ଷା କେନ୍ଦ୍ରରେ ପହଞ୍ଚାଇବା ପାଇଁ କିସ୍ ପକ୍ଷରୁ ବ୍ୟାପକ ବନ୍ଦୋବସ୍ତ କରାଯାଇଛି। ପିଲାମାନଙ୍କୁ ପରୀକ୍ଷା କେନ୍ଦ୍ରକୁ ନେବା ଆଣିବା ପାଇଁ ୫୦ଟି ଲେଖାଏଁ ବସର ବ୍ୟବସ୍ଥା କରାଯାଇଛି।

# ଏମ୍‌କେସିଜିରେ ର୍ୟାଗିଂ: ଛାତ୍ର ଲହୁଲୁହାଣ

**ବ୍ରହ୍ମପୁର,୧୧ା୨(ସମିସ):** ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜରେ ନିୟମିତ ବ୍ୟବଧାନରେ ର୍ୟାଗିଂ ଭଳି ଘଟଣା ଘଟୁଛି। ଗତ ଶୁକ୍ରବାର ବିଳମ୍ବିତ ରାତିରେ ଏମ୍‌କେସିଜି ମେଡିକାଲ କଲେଜର ଜଣେ ପ୍ରଥମ ବର୍ଷ ଏମ୍‌ବିବିଏସ ଛାତ୍ର ରୁଦ୍ର ରାଉତଙ୍କୁ କ୍ୟାମ୍ପସ ପରିସରରେ ର୍ୟାଗିଂ ଅଭିଯୋଗ ହୋଇଛି। କଲେଜର ୪ର୍ଥ ବର୍ଷ ଏମବିବିଏସର କିଛି ଛାତ୍ର ରୁଦ୍ରଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରେ ରୁଦ୍ର ଲହୁଲୁହାଣ ହୋଇଥିଲେ। ପରେ ଆହତ ରୁଦ୍ର ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ଘଟଣାର ତଦନ୍ତ କରୁଥିବା ବେଳେ ରିପୋର୍ଟ ଲେଖା ହେବା ପର୍ଯ୍ୟନ୍ତ ଥାନାରେ କୌଣସି ମାମଲା ରୁଜୁ ହୋଇ ନଥିବା ଜଣାପଡିଛି। ସୂଚନା ପ୍ରକାରେ, ବାଲେଶ୍ୱରର ସୁନହଟ ଅଞ୍ଚଳର ସୂର୍ଯ୍ୟ କୁମାର ରାଉତଙ୍କ ପୁଅ ରୁଦ୍ର ରାଉତ ଏମ୍‌କେସିଜି ମେଡ଼ିକାଲ କଲେଜର ପ୍ରଥମ ବର୍ଷ ଏମ୍‌ବିବିଏସ ଛାତ୍ର। ରୁଦ୍ର ଗତ ଶୁକ୍ରବାର ରାତିରେ କ୍ୟାମ୍ପସରେ ବ୍ୟାଣ୍ଡ ଅଭ୍ୟାସ କରିବାକୁ ଯାଇଥିଲେ। ଅଭ୍ୟାସ ସରିବା ପରେ ୨ଜଣ ସିନିୟର ଛାତ୍ରଙ୍କ ଅନୁରୋଧ ପ୍ରକାରେ ରୁଦ୍ର ଉଭୟଙ୍କୁ ନେଇ ମେଡିକାଲ ପୁଲିସ ଫାଣ୍ଡି ନିକଟରେ ଛାଡିଥିଲେ। ତେବେ କୌଣସି କାରଣକୁ ନେଇ ସେଠାରେ ଉପସ୍ଥିତ ଥିବା ଏମବିବିଏସ ୪ର୍ଥ ବର୍ଷର ୨ଜଣ ସିନିୟର ଛାତ୍ର ରୁଦ୍ରଙ୍କୁ ମାଡ ମାରିଥିଲେ। ଆକ୍ରମଣ ଯୋଗୁ ରୁଦ୍ର ଚେତାଶୂନ୍ୟ ହୋଇଯାଇଥିଲେ। ସିନିୟର ଛାତ୍ରଙ୍କ ଦ୍ୱାରା ସେ ର୍‌ୟାଗିଂର ଶିକାର ହୋଇଥିବା ନେଇ ମଧ୍ୟ ରୁଦ୍ରଙ୍କ ବାପା ଟୁଇଟ୍ ଯୋଗେ ଏମ୍‌କେସିଜି କର୍ତ୍ତୃପକ୍ଷ, ବ୍ରହ୍ମପୁର ଏସପି, ଗଞ୍ଜାମ ଜିଲ୍ଲାପାଳଙ୍କ ସମେତ ରାଜ୍ୟ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ତେବେ ଏ ନେଇ କୌଣସି ଲିଖିତ ଅଭିଯୋଗ ହୋଇନଥିବା ଏମକେସିଜି ମେଡିକାଲ କଲେଜ ଡିନ୍ ପ୍ରଫେସର ଡା. ସନ୍ତୋଷ ମିଶ୍ର କହିଛନ୍ତି।

ପ୍ରଥମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



✓ କହ୍ନେଇଲାଲ ପାତ୍ର
(ବିଶିଷ୍ଟ ସମାଜସେବୀ ଓ ବ୍ୟବସାୟୀ)
ପାଲବଣୀ, ବାରିପଦା, ମୟୂରଭଞ୍ଜ
◆ ଆବିର୍ଭାବ: ୦୨.୧୦.୧୯୪୨ ◆ ତିରୋଧାନ: ୧୨.୦୨.୨୦୨୩
ଆପଣଙ୍କ ବିୟୋଗରେ ଆମେ ସମସ୍ତେ ମର୍ମାହତ। ଆପଣଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲ ପାଇବା କେବେ ବି ଭୁଲି ପାରିବୁ ନାହିଁ। ଯେଉଁଠି ଥାଅ ଭଲରେ ଥାଅ। ଆପଣଙ୍କ ଅମର ଆତ୍ମାର ଶାନ୍ତି ଓ ସଦଗତି ନିମନ୍ତେ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ: ପତ୍ନୀ-ଆରତୀ, ବଡପୁଅ-ବଡବୋହୂ: ଦେବାଶିଷ ଓ ଜ୍ୟୋତିର୍ମୟୀ, ସାନପୁଅ-ସାନବୋହୂ: ଆଶିଷ ଓ ଅଳକା, ପୁତୁରା-ପୁତୁରା ବୋହୂ: ଚନ୍ଦନ ଓ ଶିବାନୀ, ନାତି ଓ ନାତୁଣୀ: ନିଲ୍, ନିଷ୍ଟା, ମିଷ୍ଟି, ଅଭି ଓ ଆୟୁଷ ଏବଂ ପାତ୍ର ପରିବାର ଓ ଆତ୍ମୀୟସ୍ୱଜନ।

# ନର୍ସଙ୍କୁ ପିଟିପିଟି ନିର୍ମମ ହତ୍ୟା: ସ୍ୱାମୀ ଗିରଫ

**ରାଉରକେଲା,୧୧ା୨(ସମିସ):** ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ କାର୍ଯ୍ୟରତ ଜଣେ ନର୍ସଙ୍କୁ ତାଙ୍କ ସ୍ୱାମୀ ଲାଠିରେ ପିଟିପିଟି ନିର୍ମମ ଭାବେ ହତ୍ୟା କରିଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଅଭିଯୁକ୍ତ ହେଲେ, ଟାଙ୍ଗରପାଲ୍ଲୀ ଥାନା ଆଇଡିଏଲ୍ ରୋଡ କାଳୀମନ୍ଦିର ନିକଟରେ ରହୁଥିବା ଶଶିଭୂଷଣ ପଲେଇ (୪୨)।

ସୂଚନା ମୁତାବକ, ଆର୍‌ଜିଏଚ୍‌ରେ ଷ୍ଟାଫ ନର୍ସ ଭାବେ କାର୍ଯ୍ୟରତ ମମତା ବେହେରା (୪୨)ଙ୍କୁ ସେଠାରେ ଚୁକ୍ତିଭିତ୍ତିକ ଲାବୋରେଟୋରୀ ଆସିଷ୍ଟାଣ୍ଟ ଭାବେ କାର୍ଯ୍ୟରତ ଶଶିଭୂଷଣ ପଲେଇ ୨୦୧୧ରେ ପ୍ରେମ ବିବାହ କରିଥିଲେ। ସେମାନେ କାଳୀ ମନ୍ଦିର ନିକଟରେ ରହୁଥିଲେ। ସେମାନଙ୍କର ୧୫ ଏବଂ ୧୧ ବର୍ଷ ବୟସ୍କ ୨ ଝିଅ ଅଛନ୍ତି। ତେବେ ବିବାହର କିଛି ବର୍ଷ ଠିକଠାକ୍ ଚାଲିଥିବା ବେଳେ କୌଣସି କାରଣରୁ ପରବର୍ତ୍ତୀ ସମୟରେ ସେମାନଙ୍କ ସମ୍ପର୍କରେ ତିକ୍ତତା ଦେଖାଦେଇଥିଲା। ଏଥିପାଇଁ ଶଶିଭୂଷଣ ମଝିରେ ମଝିରେ ମମତାଙ୍କୁ ମାରପିଟ କରନ୍ତି। ଗତ ୯ତାରିଖ ଶଶିଭୂଷଣ ମମତାଙ୍କୁ ବର୍ବୋରଚିତ ଭାବେ ପିଟିଥିଲେ। ମମତାଙ୍କ ଚିତ୍କାର ଶୁଣି ପଡ଼ୋଶୀ ଏବଂ ତାଙ୍କ ଶାଶୂ ଆଇଡିଏଲ ଫାଣ୍ଡିକୁ ସୂଚନା ଦେଇଥିଲେ। ପୁଲିସ ସଙ୍କଟାପନ୍ନ ମମତାଙ୍କୁ ଆର୍‌ଜିଏଚ୍ ନେଇଥିଲା। ସେଠାରେ ରବିବାର ମମତାଙ୍କ ମୃତ୍ୟୁ ହୋଇଯାଇଥିଲା। ବଡ଼ ଝିଅର ଅଭିଯୋଗ ଆଧାରରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଶଶିଭୂଷଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଏଥିସହ ହତ୍ୟାକାଣ୍ଡରେ ବ୍ୟବହୃତ ୨ ଲାଠି ଜବତ କରାଯାଇଛି।

# ଓଡ଼ିଶାର ୧୨୬୦ ସ୍କୁଲରେ ୬୮୪୮ ଫୁଟ୍‌ବଲ୍ ବଣ୍ଟନ

**ଭୁବନେଶ୍ୱର, ୧୧ା୨ (ସମିସ):** ସର୍ବଭାରତୀୟ ଫୁଟ୍‌ବଲ ମହାସଂଘ (ଏଆଇଏଫ୍‌ଏଫ୍) ଓ ବିଶ୍ୱ ଫୁଟ୍‌ବଲର ସର୍ବୋଚ୍ଚ ସଂସ୍ଥା ଫିଫାର ମିଳିତ ସହଯୋଗରେ ଓଡ଼ିଶାର ୧୨୬୦ ସ୍କୁଲରେ ୬୮୪୮ ଫୁଟ୍‌ବଲ ବଣ୍ଟନ କରାଯାଇଛି। ଶିକ୍ଷା ମନ୍ତ୍ରଣାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ସାରା ଦେଶରେ ସ୍କୁଲ ଛାତ୍ରଛାତ୍ରୀଙ୍କ ପାଇଁ ଫିଫାର ମହତ୍ତ୍ୱାକାଂକ୍ଷୀ 'ସ୍କୁଲ ପାଇଁ ଫୁଟ୍‌ବଲ' କାର୍ଯ୍ୟକ୍ରମ ଅଧୀନରେ ଏହି ରାଜ୍ୟର ୧୭ ଜିଲ୍ଲାରେ ଫୁଟ୍‌ବଲ ବଣ୍ଟାଯାଇଛି। ଶିକ୍ଷା ବ୍ୟବସ୍ଥାରେ ଫୁଟ୍‌ବଲ ସମ୍ବନ୍ଧୀୟ କାର୍ଯ୍ୟକଳାପଗୁଡ଼ିକୁ ନିରବଚ୍ଛିନ ଭାବରେ ସମନ୍ୱିତ କରିବା ସହିତ ଲିଙ୍ଗ ନିର୍ବିଶେଷରେ ଛାତ୍ରଛାତ୍ରୀଙ୍କ ପାଇଁ ଫୁଟ୍‌ବଲ ଉପଲବ୍ଧତାକୁ ଉଲ୍ଲେଖନୀୟ ଭାବେ ବ୍ୟାପକ କରିବା ହେଉଛି ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ। ପୂର୍ବରୁ ଡିସେମ୍ବର ୨ରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କଟକରୁ ଏହି ଫୁଟ୍‌ବଲ ବିତରଣର ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ ସାରା ଦେଶରେ ୧.୫୦ ଲକ୍ଷ ସ୍କୁଲରେ ୧୧ ଲକ୍ଷରୁ ଉର୍ଦ୍ଧ୍ୱ ଫୁଟ୍‌ବଲ ବଣ୍ଟାଯିବାର କାର୍ଯ୍ୟକ୍ରମ ରହିଛି।



# ଭୁବନେଶ୍ୱର ସିଟି





# ପ୍ଲାନିଂରେ ପାର୍କିଂ; ନିର୍ମାଣ ପରେ ଉଭାନ

ଭୁବନେଶ୍ୱର, ୧୧।୨(ସମିସ):



ରାଜଧାନୀରେ ଯେକୌଣସି ବ୍ୟବସାୟିକ ପ୍ରତିଷ୍ଠାନ ହେଉ କିମ୍ବା ହସ୍ପିଟାଲ ବିଲ୍ଡିଂ ଏଠାରେ ପାର୍କିଂ ବ୍ୟବସ୍ଥାରେ ରହିବା ବାଧ୍ୟତାମୂଳକ। ପାର୍କିଂକୁ ଦୃଷ୍ଟିରେ ରଖି ବ୍ୟବସାୟିକ ପ୍ରତିଷ୍ଠାନ ଓ ହସ୍ପିଟାଲ ବିଲ୍ଡିଂ ନିର୍ମାଣ କରିବା ନେଇ ନିୟମ ରହିଛି। ଏପରିକି ବିଲ୍ଡିଂ ପ୍ଲାନ୍ ପ୍ରସ୍ତୁତ କଲା ବେଳେ ବିଏମ୍‌ସି କିମ୍ବା ବିଡିଏ ପାର୍କିଂକୁ ବିଶେଷ ଭାବେ ଗୁରୁତ୍ୱ ଦେଇ ଅନୁମତି ଦେଉଛନ୍ତି। ନିର୍ମାଣ ପୂର୍ବରୁ ଏହାର ପ୍ଲାନ୍‌କୁ ବିଭାଗୀୟ କାର୍ଯ୍ୟାଳୟରେ ଦାଖଲ କରିବାକୁ ହୁଏ। ପ୍ଲାନ୍‌ରେ ବିଲ୍‌ଡିଂର ପାର୍କିଂ ବ୍ୟବସ୍ଥା ଯଥେଷ୍ଟ ପରିମାଣରେ ନ ଥିଲେ ନିର୍ମାଣକୁ ମଞ୍ଜୁରୀ ମିଳେ ନାହିଁ। ଅନେକ ଘର ମାଲିକଙ୍କ କ୍ଷେତ୍ରରେ ଏଭଳି ମଧ୍ୟ ହୋଇଛି, ପ୍ଲାନ୍‌ରେ ପାର୍କିଂ ସ୍ଥାନ କମ୍ ଥିବାରୁ ପ୍ଲାନ୍ ଆପ୍ରୁଭାଲ ମିଳିନାହିଁ। ପରବର୍ତ୍ତୀ ସମୟରେ ଜମି ମାଲିକ ପ୍ଲାନରେ ପାର୍କିଂ ସ୍ଥାନ ବଢ଼ାଇବା ପରେ ବିଲ୍ଡିଂ ପ୍ଲାନ୍‌କୁ ଅନୁମତି ମିଳିଛି। ଏହାପରେ ହିଁ ଜମି ମାଲିକ ଏଠାରେ ବିଲ୍ଡିଂ ନିର୍ମାଣ କାର୍ଯ୍ୟ କରିଛନ୍ତି।

ତେବେ ରାଜଧାନୀର ପ୍ରତ୍ୟେକ ବିଲ୍ଡିଂ ପ୍ଲାନ୍‌ରେ ଯଥେଷ୍ଟ ପାର୍କିଂ ସ୍ଥାନ ଥିଲେ ମଧ୍ୟ ନିର୍ମାଣ ଶେଷ ହେବା ପରେ ଏହି ପାର୍କିଂ ସ୍ଥାନ ଯାଉଛି କୁଆଡ଼େ। ପ୍ଲାନିଂ ନକ୍ସାରେ ନିର୍ମାଣ ଶେଷ ହେବା ପରେ ଏହା କିପରି ଲିଭି ଯାଉଛି। ରାଜଧାନୀର ଅଧିକାଂଶ ବ୍ୟବସାୟିକ ପ୍ରତିଷ୍ଠାନର ସମାନ ଅବସ୍ଥା। ବିଶ୍ୱସ୍ତ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଘର ମାଲିକମାନେ ନିର୍ମାଣ ଅନୁମତି ନେବା ବେଳେ ପ୍ଲାନିଂରେ ଯଥେଷ୍ଟ ପାର୍କିଂ ସ୍ଥାନ ଦେଖାଇ ବିଏମ୍‌ସି କିମ୍ବା ବିଡିଏ କାର୍ଯ୍ୟାଳୟରେ ଜମା କରୁଛନ୍ତି। ହେଲେ ନିର୍ମାଣ ବେଳେ ପାର୍କିଂ ସ୍ଥାନରେ ଘର କରି ଦେଉଛନ୍ତି। କିମ୍ବା ବିଲ୍ଡିଂ ଆକାର ବଢ଼ାଇ ପାର୍କିଂ ସ୍ଥଳକୁ ଅତି ଛୋଟ କରି ଦେଉଛନ୍ତି। ଫଳରେ ଅଧିକାଂଶ ବ୍ୟବସାୟିକ ପ୍ରତିଷ୍ଠାନର ପ୍ଲାର୍କିଂ ନାହିଁ କିମ୍ବା ଅତି ସ୍ୱଳ୍ପ ସ୍ଥାନରେ ପାର୍କିଂ ଦେଖିବାକୁ ମିଳୁଛି। ଅନ୍ୟପକ୍ଷରେ ଅକୁପାନ୍ସି ସାର୍ଟିଫିକେଟ୍ ନ ଆଣି ବ୍ୟବସାୟିକ ପ୍ରତିଷ୍ଠାନର ବିଲ୍ଡିଂ ଉଦ୍‌ଘାଟନ ହୋଇଯାଉଛି। ପରେ ଏଠାରେ ପାର୍କିଂ ନ ଥାଇ ବ୍ୟବସାୟ ଆରମ୍ଭ ହୋଇଯାଉଛି। ଏଭଳି ନିୟମର

**ଚିନ୍ତା ବଢ଼ାଉଛି ବ୍ୟବସାୟିକ ପ୍ରତିଷ୍ଠାନ, ହସ୍ପିଟାଲ୍**

**କାର୍ଯ୍ୟାନୁଷ୍ଠାନ ନ ହେବାରୁ ନିୟମ ମାନୁନାହାନ୍ତି ସହରବାସୀ**

ଉଲ୍ଲଙ୍ଘନ ପରେ ମଧ୍ୟ ଘର ମାଲିକଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବା ଦ୍ୱାରା ଉଲ୍ଲଙ୍ଘନକାରୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଅନ୍ୟ ପକ୍ଷରେ କାଁ ଭାଁ କାର୍ଯ୍ୟାନୁଷ୍ଠାନ ହେଉଥିଲେ ମଧ୍ୟ ଅଧିକାଂଶ ମାମଲାରେ ବିଡିଏ ଏବଂ ବିଏମ୍‌ସିର କୋହଳ କାର୍ଯ୍ୟାନୁଷ୍ଠାନ ପାଇଁ ସହରରେ ପାର୍କିଂ ସମସ୍ୟା ଦିନକୁ ଦିନ ବଢ଼ିବାରେ ଲାଗିଛି।

ବ୍ୟବସାୟିକ ପ୍ରତିଷ୍ଠାନ ଥିବା ଅଞ୍ଚଳରେ ଜଟିଳ ପାର୍କିଂ ସମସ୍ୟା ସୃଷ୍ଟି ହେଲାଣି। ଲୋକେ ବାହାରେ କିମ୍ବା ରାସ୍ତା ଉପରେ ଗାଡ଼ି ପାର୍କିଂ କରୁଛନ୍ତି। ଫଳରେ ଟ୍ରାଫିକ୍ ସମସ୍ୟା ମଧ୍ୟ ସୃଷ୍ଟି ହେଉଛି। ବ୍ୟବସାୟିକ ପ୍ରତିଷ୍ଠାନ ପରେ ଘରୋଇ ହସ୍ପିଟାଲର ସାମ୍ନାରେ ସର୍ବାଧିକ ବେଆଇନ୍ ପାର୍କିଂ ହେଉଛି। ଅନେକ ସମୟରେ ବେଆଇନ୍ ପାର୍କିଂ ଯୋଗୁଁ ଗଣ୍ଡଗୋଳର ସୂତ୍ରପାତ ହେଉଛି। କିଛିଦିନ ତଳେ ସିଆରପି ଛକ ନିକଟରେ ଏକ ଘରୋଇ ହସ୍ପିଟାଲକୁ ଆସିଥିବା ରୋଗୀଙ୍କ ସମ୍ପର୍କୀୟ ସ୍ଥାନୀୟ ଜଣ ବ୍ୟକ୍ତିଙ୍କ ଘର ସାମ୍ନାରେ ଗାଡି ପାର୍କିଂ କରିବାରୁ ତୁମୂଳକାଣ୍ଡ ହୋଇଥିଲା। ଗାଡ଼ି ଭାଙ୍ଗିବା ପର୍ଯ୍ୟନ୍ତ କଥା ଯାଇଥିଲା। ବାରମ୍ବାର ଏଭଳି ସମସ୍ୟା ରାଜଧାନୀରେ ଦେଖାଯାଉଛି। ଅନ୍ୟପକ୍ଷରେ ସହରରେ ଦିନକୁ ଦିନ ବ୍ୟବସାୟିକ ପ୍ରତିଷ୍ଠାନ ଏବଂ ହସ୍ପିଟାଲ ସଂଖ୍ୟା ହୁ ହୁଁ ହୋଇ ବଢ଼ିବାରେ ଲାଗିଛି। ଏଭଳି ବେପରୁଆ ନିର୍ମାଣ ଏବଂ ବିଡିଏ କିମ୍ବା ବିଏମ୍‌ସି ନିରବପଣ ଆଗକୁ ଭୟଙ୍କର ପାର୍କିଂ ସମସ୍ୟା ସୃଷ୍ଟି କରିବ।

## ଜୀବନର କେତେ ରଙ୍ଗ

# ପେଟପାଟଣା ପାଇଁ ରାଜସ୍ଥାନରୁ ଭୁବନେଶ୍ୱର

ଭୁବନେଶ୍ୱର, ୧୧।୨ (ସମିସ): ସାଧାରଣ କଥା ଆମେ ଜାଣୁ ଓ ଦେଖୁ ମଧ୍ୟ କି ପେଟ ପାଟଣା ପାଇଁ ବାହାର ରାଜ୍ୟ ତଥା ବିହାର, ଛତିଶଗଡ଼ ଓ ରାଜସ୍ଥାନ ଯାଇଥାନ୍ତି। ହେଲେ ସମୟ ସହ ସେଥିରେ ଏବେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ବେପାର ଆଶା ରଖି ଅନେକ ରାଜସ୍ଥାନୀ ବୁଲା ବେପାରୀ ସୁଦୂର ରାଜସ୍ଥାନରୁ ଓଡ଼ିଶା ଚାଲି ଆସୁଛନ୍ତି। ଏହାର ଉଦାହରଣ ଏବେ ଭୁବନେଶ୍ୱରର ରାସ୍ତାକଡ଼ରେ ଓ ବିଭିନ୍ନ ଛକଗୁଡ଼ିକରେ ଦେଖିବାକୁ ମିଳୁଛି। ଚାରି କି ପାଞ୍ଚ ନୁହେଁ ବରଂ ୩୦ରୁ ଅଧିକ ରାଜସ୍ଥାନୀ ପରିବାରକୁ ଏବେ ଭୁବନେଶ୍ୱରର ବିଭିନ୍ନ ରାସ୍ତାକଡ଼ରେ ଦେଖିବାକୁ ମିଳୁଛି। ବିଶେଷକରି ଅଶୋକନଗର, ସୂର୍ଯ୍ୟନଗର, ରାମମନ୍ଦିର ଛକ, ସିଆର୍‌ପିଏଫ୍ ଛକ, ଆଚାର୍ଯ୍ୟ ବିହାର, ଜୟଦେବ ବିହାର ଆଦି ଛକରେ ସେମାନଙ୍କ ପସରା ଦେଖିବାକୁ ମିଳୁଛି। କିଛି ସ୍ଥାନରେ ପୋଷାକ ବିକ୍ରି ତ କିଛି ସ୍ଥାନରେ ପିଠା ଖଡ଼ିକା, ତାୱା, କଡ଼େଇ ଆଦି ନନ୍‌ଷ୍ଟିକ ଜିନିଷ ବିକ୍ରି କରୁଛନ୍ତି। ସେସବୁ ବଜାର ମୂଲ୍ୟଠୁ କମ୍‌ରେ ମିଳୁଥିବାରୁ ଲୋକ ମଧ୍ୟ ସେଠି ଭିଡ଼ ଜମାଉଛନ୍ତି। ସେସବୁ ଜିନିଷର ମୂଲ୍ୟ ୧୦୦ ଟଙ୍କାରୁ ଆରମ୍ଭ ହୋଇ ୪୦୦ ଟଙ୍କା ପର୍ଯ୍ୟନ୍ତ ରହୁଛି। ସେହିପରି ଆଉ କିଛି ଛକରେ ସେମାନେ ଷ୍ଟଡି ଟେବୁଲ, ଘରର ଅନ୍ୟ ଉପକରଣ, ଫୁଲ କୁଣ୍ଡ ଆଦି ବିକ୍ରି କରୁଥିବାର ପରିଲକ୍ଷିତ ହେଉଛି। ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ଭଲ ବ୍ୟବସାୟ ହେଉଛି ବୋଲି କୁହନ୍ତି ରିଙ୍କୁ ନାମକ ଜଣେ ରାଜସ୍ଥାନୀ ମହିଳା ବ୍ୟବସାୟୀ। ରିଙ୍କୁ ମଧ୍ୟ କୁହନ୍ତି ସେ ପ୍ରତିବର୍ଷ ଏହି ସମୟରେ ଓଡ଼ିଶାକୁ ବ୍ୟବସାୟ କରିବାକୁ ଆସନ୍ତି। ତାଙ୍କ ପରି ଆହୁରି ୨୦ରୁ ୩୦ ଜଣ ରାଜସ୍ଥାନୀ ଏଠାକୁ ଆସି ବିକ୍ରି କରିଥାନ୍ତି। ଦୀର୍ଘ ବର୍ଷଧରି ସେମାନେ ଓଡ଼ିଶାକୁ ବ୍ୟବସାୟ କରିବାକୁ ଆସୁଥିବା କହିଛନ୍ତି ରିଙ୍କୁ।

**'ଅନ୍ୟ ରାଜ୍ୟ ଅପେକ୍ଷା ଓଡ଼ିଶାରେ ଭଲ ବିକ୍ରି'**



# ତ୍ରିବେଣୀ ମହୋତ୍ସବରେ ପାଇକ ଆଖଡ଼ା



ବାଲିପାଟଣା,୧୧।୨ (ସମିସ): ତ୍ରିବେଣୀ ମହୋତ୍ସବର ଚତୁର୍ଥ ସନ୍ଧ୍ୟାରେ ପରିବେଷିତ ହୋଇଛି ପାଇକ ଆଖଡ଼ା ନୃତ୍ୟ। ଭରପୁର ଦର୍ଶକ ମାନଙ୍କର ମନ ମୋହି ଚଢ଼େଇବର୍ ପ୍ରାଥମିକ ବିଦ୍ୟାଳୟର ପ୍ରବୀଣ ଛାତ୍ରମାନେ ଏହି ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହାପରେ ଜୟଦେବଙ୍କ ଗୀତ ଗୋବିନ୍ଦ ଛନ୍ଦରେ ମୃଦୁ ସଙ୍ଗୀତ ଗୋଷ୍ଠୀ ଓ ଶ୍ରୀଗଣେଶ ଦେବା ଗୀତରେ ଆମଣାକୁଦ ପବ୍ଲିକ ସ୍କୁଲର ଛାତ୍ରୀମାନେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହାପରେ ମେଲୋଡି କଳାକାରମାନେ ସଙ୍ଗୀତ ପରିବେଷଣ କରିଥିଲେ। ମଣ୍ଡଳୀର ଆମ ସଂଗଠନ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମର ଆୟୋଜକ କମଳ କୁମାର ପାତ୍ରଙ୍କ ସହିତ ଜିଲ୍ଲା ପରିଷଦ ସଭ୍ୟ ଗଙ୍ଗାଧର ମଲ୍ଲିକ,ପବିତ୍ର ପଟେଲ, ସୁକନ୍ୟା ସେଠୀ, ବିଜେଡି ବ୍ଲକ ସଭାପତି କିଶୋର ଜେନା, ପ୍ରଦୀପ୍ତ ଜେନାମଣି, ପଣ୍ଡିତ ହରିହର ମହାପାତ୍ର ସହଯୋଗ କରିଥିଲେ।

## ସଅର ସମ୍ପ୍ରଦାୟକୁ ମିଳିଲା ଆଦିବାସୀ ମାନ୍ୟତା

# ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇବାକୁ ୧୯ରେ ସମାବେଶ

ନନ୍ଦନକାନନ,୧୧।୨(ସମିସ): ବାରଙ୍ଗ ରତାଗଡ଼ ଭାଲୁଙ୍କାସ୍ଥିତ ଶ୍ରୀ ଟିକି ବାବା ଆଶ୍ରମ ପରିସରରେ ସଅର ସମାଜ ତରଫରୁ ଏକ ମହାସଭା ଅନୁଷ୍ଠିତ ହୋଇଯାଇଅଛି। ମହାସଭାରେ କଟକ, ପୁରୀ, କେନ୍ଦ୍ରାପଡ଼ା, ଯାଜପୁର, ଢେଙ୍କାନାଳ, ଅନୁଗୁଳ, ଖୋର୍ଦ୍ଧା, ଭୁବନେଶ୍ୱରର ସଅର ସମ୍ପ୍ରଦାୟ ସମାଜର ମୁଖିଆମାନେ ଏକଜୁଟ ହୋଇଥିଲେ। ସଭାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ସଅର ସମାଜ ତରଫରୁ କୃତଜ୍ଞତା ଜ୍ଞାପନ କରଯାଇଥିଲା। ଆସନ୍ତା ଫେବୃଆରୀ ୧୯ ତାରିଖରେ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜଣାଇବା ପାଇଁ ଏକ ବିଶାଳ ମହାସଭା କରିବା ପାଇଁ ପ୍ରସ୍ତାବ ରଖାଯାଇଛି। ଓଡ଼ିଶାର ସଅର ସମ୍ପ୍ରଦାୟକୁ ଆଦିବାସୀ ମାନ୍ୟତା ମିଳିଛି। ସଂସଦର ଚଳିତ ଅନ୍ତରିଣ ବଜେଟରେ ଓଡିଶା ରାଜ୍ୟ ଆଦିବାସୀ ତାଲିକାରେ ସଅର ସମ୍ପ୍ରଦାୟକୁ ସାମିଲ କରିବା ପାଇଁ ସଂସଦରେ ବିଧେୟକ ମଞ୍ଜୁର ହୋଇଛି। ଓଡିଶା ସରକାରଙ୍କ ସୁପାରିଶ କ୍ରମେ ଓଡ଼ିଶା ଆଦିବାସୀ ତାଲିକାର କ୍ରମିକ ସଂଖ୍ୟା ୫୯ରେ ଥିବା ଶବର, ସହରା, ସଓରାରେ ସଅର ସମ୍ପ୍ରଦାୟ ଅନ୍ତର୍ଗତରେ ଅନ୍ତର୍ଭୁକ୍ତ କରାଯାଇଛି। ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସଅର ସମ୍ପ୍ରଦାୟକୁ ଆଦିବାସୀ ତାଲିକାରେ ସାମିଲ କରିବା ପାଇଁ ସୁପାରିଶ କରିଥିଲେ। ମୁଖ୍ୟମନ୍ତ୍ରୀଙ୍କ ଐତିହାସିକ ପଦକ୍ଷେପକୁ ସଭାରେ ପ୍ରଶଂସା କରାଯାଇଥିଲା।

# ପାଟ୍ରୋଲିଂ ବେଳେ ଧରାପଡ଼ିଲେ ଦୁଇ ବାଇକ୍ ଚୋର

ଭୁବନେଶ୍ୱର/ବାଲିପାଟଣା ୧୧।୨ (ସମିସ): ପାଟ୍ରୋଲିଂ ବେଳେ ବାଲିପାଟଣା ପୁଲିସ ହାବୁଡ଼ରେ



ପଡ଼ିଛନ୍ତି ଦୁଇ ବାଇକ ଚୋର। ଦୁଇ ଅଭିଯୁକ୍ତ ହେଲେ ବାଲିପାଟଣା ବେଙ୍ଗବତି ଗାଁର ଏସକେ ଜବର ଓରଫ୍ ଜବୁ (୨୯) ଓ ରାହୁଲ ଶା (୩୦)। ସେମାନଙ୍କ ଠାରୁ ଗୋଟିଏ ମଟରସାଇକଲ ଓ ଗୋଟିଏ ସ୍କୁଟି ଜବତ କରିବା ସହିତ ଗିରଫ କରି କୋର୍ଟ ଚାଲାଣ କରିଛି। ପୁଲିସ ସୂଚନା ଅନୁସାରେ, ବାଲିପାଟଣା ଥାନା ପୁଲିସର ଏକ ଟିମ୍ ପାଟ୍ରୋଲିଂ କରୁଥିବା ସମୟରେ ବସନ୍ତମାଳ ଛକ ନିକଟରେ ଜବୁ ଓ ରାହୁଲ ଏକ ନମ୍ବରବିହୀନ ଚୋରା ମଟରସାଇକଲରେ ଦ୍ରୁତଗତିରେ ପୁଲିସ ଗାଡ଼ିକୁ ଅତିକ୍ରମ କରି ପଳାଇଥିଲେ। ପାଟ୍ରୋଲିଂ ଟିମ୍ ସେମାନଙ୍କ ପିଛା କରିବା କାବୁ କରିଥିଲା। ସେମାନେ ନେଇ ଯାଉଥିବା ଗାଡ଼ିଟି ଚୋରା ବୋଲି ଯାଞ୍ଚ ସମୟରେ ପୁଲିସ ଜାଣିବାକୁ ପାଇଥିଲା। ସେମାନଙ୍କ ଠାରୁ ମିଳିଥିବା ସୂଚନା ଆଧାରରେ ସେଠାରୁ କିଛି ଦୂରରେ ଚଢ଼ଉ କରି ଆଉ ଏକ ଚୋରା ସ୍କୁଟିକୁ ରାସ୍ତା କଡ଼ରୁ ଜବତ କରିଥିଲା। ସେମାନେ ଦୁଇଟି ଯାକ ଗାଡ଼ି ଚୋରି କରି ଆଣିଥିବା ପୁଲିସ ଆଗରେ ସ୍ୱୀକାର କରିଥିଲେ। ପୂର୍ବରୁ ଜବୁ ନାମରେ ବାଲିପାଟଣା ଥାନାରେ ଗୋଟିଏ ଓ ରାହୁଲ ନାମରେ ୩ଟି ମାମଲା ରହିଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଛି।

# ପାର୍କରେ ପରିମଳ ସଚେତନତା



ଭୁବନେଶ୍ୱର, ୧୧।୨ (ସମିସ): ବିଏମ୍‌ସି ପକ୍ଷରୁ ପାର୍କରେ ଦିଆଯାଉଛି ପରିମଳ ସଚେତନତା ବାର୍ତ୍ତା। ୱାର୍ଡ ନମ୍ବର ୩୫ସ୍ଥିତ କେଳୁଚରଣ ପାର୍କରେ ବରିଷ୍ଠ ନାଗରିକମାନଙ୍କୁ ଏକାଠି କରାଯାଇ ବିଏମ୍‌ସି ପକ୍ଷରୁ ବିଭିନ୍ନ ପରିମଳ ନିୟମ ଯଥା ୫ମିଟର ପରିଧିକୁ ପରିଷ୍କାର, ବର୍ଜ୍ୟ ପୃଥକୀକରଣ ଏବଂ ଠିକ୍ ସମୟରେ ସଫେଇ ଗାଡ଼ିକୁ ବର୍ଜ୍ୟ ପ୍ରଦାନ କରିବା ନେଇ ସଚେତନତା କରାଯାଇଥିଲା। ସ୍ୱେଚ୍ଛାସେବୀ ସଂଗଠନର କର୍ମକର୍ତ୍ତା, ସ୍ୱଚ୍ଛ ସାଥୀ, କର୍ପୋରେଟର ଏବଂ ଅନ୍ୟାନ୍ୟ ବିଏମ୍‌ସି ଅଧିକାରୀମାନେ ଏହି ଆଲୋଚନାରେ ସାମିଲ ହୋଇ ଉପସ୍ଥିତ ସହରବାସୀଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ତେବେ ଏହି ନିୟମ ପାଳନ କରିବାରେ କେଉଁଠି ଅସୁବିଧା ରହୁଛି, କେଉଁମାନେ ଏହି ନିୟମ ପାଳନ କରୁନାହାନ୍ତି ସେ ସମ୍ପର୍କରେ ଆଲୋଚନା ହୋଇଥିଲା। ତେବେ ପାର୍କରେ ସଚେତନତା କାର୍ଯ୍ୟକ୍ରମ ମାଧ୍ୟମରେ ଲୋକଙ୍କ୍ ସହଭାଗୀରେ ପରିମଳ ବ୍ୟବସ୍ଥାକୁ ଅଧିକ ତ୍ୱରାନ୍ୱିତ କରିବାକୁ ଆଗକୁ ଏକାଧିକ ପାର୍କରେ ଏଭଳି କାର୍ଯ୍ୟକ୍ରମର ଆୟୋଜନ କରାଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି।

## ଗୋଲ୍ଡେନ୍ ଟ୍ରାଏଙ୍ଗଲ୍ ସାଇକଲିଂ ଚାମ୍ପିଅନ୍‌ସିପ୍‌ରେ ୧୨ ରାଜ୍ୟ

# ୧୧୪ କିମି ସାଇକଲିଂ କଲେ ୧୦୦ ଚାଳକ

ଭୁବନେଶ୍ୱର, ୧୧।୨(ସମିସ): ସାଇକଲିଂ ଆଣ୍ଡ ଆଡଭେଞ୍ଚର୍ସ କ୍ଲବ (ବିସିଏସି) ପକ୍ଷରୁ ଆୟୋଜିତ ଗୋଲ୍ଡେନ୍ ଟ୍ରାଏଙ୍ଗଲ୍ ସାଇକଲିଂ ଚାମ୍ପିଅନ୍‌ସିପ୍-୨୦୨୪ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥା ପକ୍ଷରୁ ଆୟୋଜିତ

**ବାଜିମାରିଲେ ପଞ୍ଜାବର ମନ୍‌ଜିତ**

**ଚମକ୍ ଦେଖାଇଲେ ଦୁଇ ବିଦେଶୀ ନାଗରିକ**



ହୋଇଥିବା ଏହି ଷଷ୍ଠ ସଂସ୍କରଣରେ ୧୧୪ କିଲୋମିଟର ସାଇକଲିଂ ଯାତ୍ରା କରିଛନ୍ତି ଅଂଶଗ୍ରହଣକାରୀ। ଧଉଳିରୁ ବାହାରି ଏହି ସାଇକଲିଂ ପୁରୀର ଷ୍ଟରଲିଂ ରିସର୍ଟ ଯାଏଁ ଯାଇଥିଲା। ସେଠାରୁ ପୁଣି ଭୁବନେଶ୍ୱରକୁ ପ୍ରତ୍ୟାବର୍ତ୍ତନ କରିଥିଲା। ସାଇକଲ୍ ଚାଳନାରେ ଅଭିଜ୍ଞତା ରହିଥିବା ୧୨ ରାଜ୍ୟର ୧୦୦ରୁ ଅଧିକ ପ୍ରତିଯୋଗୀ ଭାଗ ନେଇଥିଲେ। ପଶ୍ଚିମବଙ୍ଗ, ପଞ୍ଜାବ, ହରିୟାଣା, ଝାଡ଼ଖଣ୍ଡ, ଆନ୍ଧ୍ରପ୍ରଦେଶ, ମହାରାଷ୍ଟ୍ର, ଉତ୍ତରପ୍ରଦେଶ, ରାଜସ୍ଥାନ, ଗୁଜରାଟ, ମଧ୍ୟପ୍ରଦେଶ, ଦିଲ୍ଲୀ ଭଳି ରାଜ୍ୟର ପ୍ରତିଯୋଗୀ ସାମିଲ ହୋଇଥିଲେ। ସବୁଠାରୁ ବଡ଼ କଥା ହେଲା ଏହି ପ୍ରତିଯୋଗିତାରେ ଅଷ୍ଟ୍ରିଆ ଓ ସାଉଥ୍ ଆଫ୍ରିକା ଦୁଇ ବିଦେଶୀ ନାଗରିକ ଅଂଶଗ୍ରହଣ କରିଥିଲେ। ଏହି ପ୍ରତିଯୋଗିତାରେ ପଞ୍ଜାବର ମନ୍‌ଜିତ ସିଂ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ମହାରାଷ୍ଟ୍ରର ହନୁମାନ ଯଶୱନ୍ତ ଚୋପେଡ୍ ଦ୍ୱିତୀୟ ଓ ପଞ୍ଜାବର କ୍ରିଷ୍ଣା ନାୟାକୋଡ ତୃତୀୟ ସ୍ଥାନ ଅଧିକାର କରିଥିଲେ। ପ୍ରଥମ ପ୍ରତିଯୋଗୀକୁ ୧ଲକ୍ଷ, ଦ୍ୱିତୀୟକୁ ୫୦ହଜାର ଓ ତୃତୀୟ ପ୍ରତିଯୋଗୀଙ୍କ ୨୫ ହଜାର ନଗଦ ଟଙ୍କା ସହ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ସେହିପରି ବିଭିନ୍ନ ବୟସ ବର୍ଗରେ ପୁରସ୍କାର ସହିତ ପ୍ରଥମ ୧୦ ଜଣଙ୍କୁ ନଗଦ ପୁରସ୍କାର ଓ ଟ୍ରଫି ବି ପ୍ରଦାନ କରିଥିଲା।

ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୁଲିସ କମିସନର୍ ସଞ୍ଜୀବ ପଣ୍ଡା ଓ ଏଚ୍‌ଡିଏଫ୍‌ସି ବ୍ୟାଙ୍କ ଉପାଧ୍ୟକ୍ଷ ଅନନ୍ତ ପଟ୍ଟନାୟକ ପତାକା ଦେଖାଇ ଏହାକୁ ଉଦ୍‌ଘାଟନ କରିଥିଲେ। ତେବେ ପରିବେଶ ପ୍ରଦୂଷଣ ରୋକିବା ସହ ନିଜେ ସୁସ୍ଥ ରହିବା ପାଇଁ ସାଇକଲିଂର ଆବଶ୍ୟକତା ଥିବା ସିପି ଶ୍ରୀ ପଣ୍ଡା କହିଛନ୍ତି। ଏହାକୁ ସୂଚାର ରୂପେ ତୁଲାଇବାରେ ସହଯୋଗ କରିଥିବାରୁ ପୁରୀ ଏସ୍‌ପି ଓ ଡିସିପି ଭୁବନେଶ୍ୱରଙ୍କୁ ସଂସ୍ଥା ପକ୍ଷରୁ ଧନ୍ୟବାଦ ଜଣାଯାଇଛି। ଏହାକୁ ପରିଚାଳନା କ୍ଷେତ୍ରରେ ସହଯୋଗ କରୁଥିଲେ ଅଜୟ ନାୟକ, ସିବାଶିସ୍ ମହାନ୍ତି ଓ ସନ୍ତୋଷ ରାଉତ। ଏହି ସଂସ୍ଥା ପୂର୍ବରୁ ଭିଏତ୍‌ନାମରୁ କାମ୍ବୋଡ଼ିଆ, ଭୁବନେଶ୍ୱରରୁ ଭୁଟାନ, କଟକରୁ କାଠମାଣ୍ଡୁ, ମନାଲିରୁ ହିମାଳୟର ଖାରଡଙ୍ଗଲା ଓ ଶ୍ରୀଲଙ୍କା ଯାଏଁ ମେଗା ସାଇକଲ ଚଲାଇବା କାର୍ଯ୍ୟକ୍ରମ ସଫଳ ଭାବେ ତୁଲାଇଛି।

# ଦୀପକ ସାମନ୍ତରାୟ ଯୁବ ବିଜେଡି ସାଧାରଣ ସମ୍ପାଦକ

ଭୁବନେଶ୍ୱର, ୧୧।୨ (ସମିସ): ଭୁବନେଶ୍ୱର ୱାର୍ଡ ନଂ-୪ ଅନ୍ତର୍ଗତ ନହରକଣ୍ଟା ଅଞ୍ଚଳର ବିଜେଡି ନେତା ଦୀପକ କୁମାର ସାମନ୍ତରାୟଙ୍କୁ ବିଜୁ ଯୁବ ଜନତା ଦଳର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ କରାଯାଇଛି। ବିଜେଡି ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁମୋଦନକ୍ରମେ ଶ୍ରୀ ସାମନ୍ତରାୟଙ୍କୁ ଏହି ପଦରେ ନିଯୁକ୍ତ କରାଯାଇଛି।

# ଆପାର୍ଟମେଣ୍ଟରେ ଅଗ୍ନିଶମ ମକ୍‌ଡ୍ରିଲ

ଭୁବନେଶ୍ୱର, ୧୧।୨ (ସମିସ): ଆପାର୍ଟମେଣ୍ଟରେ ନିଆଁ ଲାଗିଲେ କିଭଳି ଉଦ୍ଧାର କରାଯିବ ସେନେଇ ଅଗ୍ନିଶମ ବାହିନୀ ପକ୍ଷରୁ ରୟାଲ ଲଗୁନ୍ ଆପାର୍ଟମେଣ୍ଟରେ ମକ୍‌ଡ୍ରିଲ କରାଯାଇଛି। ୮ ତାଲାରେ ଫସିଥିବା ଲୋକଙ୍କୁ କିଭଳି କ୍ରେନ୍ ଯୋଗେ ଉଦ୍ଧାର କରାଯିବ ସେନେଇ ମଧ୍ୟ ଅଭ୍ୟାସ ହୋଇଥିଲା।

## ଘୋଷଣାକୁ ପୂରିବ ୪ ମାସ

# କେବେ ବଦଳିବ ଜିଭିପି ଭାଗ୍ୟ

ଭୁବନେଶ୍ୱର, ୧୧।୨(ସମିସ):

ଗାର୍ବେଜ ଭଲ୍‌ନରେବଲ୍ ପଏଣ୍ଟ ବା ଜିଭିପି ପ୍ରତ୍ୟେକ ୱାର୍ଡରେ ରହିଛି। ଏଠାରେ ସ୍ଥାନୀୟ ଲୋକ କିମ୍ବା ବ୍ୟବସାୟୀ ବର୍ଜ୍ୟ ଗଦାଇଥାନ୍ତି। ତେଣୁ ପ୍ରତ୍ୟେକ ୱାର୍ଡରେ ଏଭଳି ସ୍ଥାନକୁ ଚିହ୍ନଟ କରାଯାଇ ଏହାକୁ ଜିଭିପି ପଏଣ୍ଟ ଭାବେ ନାମିତ କରାଯାଇଛି। ଏହାକୁ ସମ୍ପୂର୍ଣ୍ଣ ଭାବେ ବର୍ଜ୍ୟମୁକ୍ତ କରିବାକୁ ବିଏମ୍‌ସି ପକ୍ଷରୁ ଯୋଜନା ପ୍ରସ୍ତୁତ କରାଯାଇଥିଲା। ଏହାକୁ କଡ଼ାକଡ଼ି ଲାଗୁ କରିବାକୁ ଘୋଷଣା କରାଗଲା। ହେଲେ ଏଭଳି ଘୋଷଣାକୁ ଏହା ମଧ୍ୟରେ ୪ମାସ ଛୁଇଁବାକୁ ଗଲାଣି। ନଭେମ୍ବରରୁ ଆରମ୍ଭ ହୋଇଥିବା ଘୋଷଣା ଫେବୃଆରୀରେ ପହଞ୍ଚିଲାଣି ହେଲେ ଜିଭିପିର ଭାଗ୍ୟ ବଦଳି ପାରୁନାହିଁ। ବରଂ ଡଷ୍ଟବିନ୍ ନ ରହିବାରୁ ରାସ୍ତା ଉପରେ ଲୋକେ ଅଳିଆ ଫୋପାଡୁଛନ୍ତି। ଅଳିଆମୁକ୍ତ ଜିଭିପିର ସ୍ୱପ୍ନ କେବେ ସାକାର ହେବ ତାହା ଖୋଦ୍ ବିଏମ୍‌ସି ବି ସ୍ପଷ୍ଟ କରିପାରୁ ନାହିଁ। ଅସୁବିଧାର ସମ୍ମୁଖୀନ ହେବା ପରେ ଏଭଳି ବ୍ୟବସ୍ଥାକୁ ନେଇ ସହରବାସୀ ଅସନ୍ତୋଷ ବ୍ୟକ୍ତ କରୁଛନ୍ତି। ସ୍ୱଚ୍ଛତା କ୍ଷେତ୍ରରେ ଭୁବନେଶ୍ୱର ଏବେ ଭଲ ପ୍ରଦର୍ଶନ କରିଛି। ହେଲେ ଭୁବନେଶ୍ୱରରେ ଏଭଳି ଅବ୍ୟବସ୍ଥା

**ଡଷ୍ଟବିନ୍ ନାହିଁ; ରାସ୍ତାରେ ପଡୁଛି ଅଳିଆ**

**ନଷ୍ଟ ହେଉଛି ସହରର ସୌନ୍ଦର୍ଯ୍ୟକରଣ**

ଯୋଗୁଁ ନକାରାତ୍ମକ ଛବି ସୃଷ୍ଟି କରିପାରେ। ସୂଚନାଯୋଗ୍ୟ, ବିଏମ୍‌ସି ଅଞ୍ଚଳରେ ଜିଭିପିର ଆଉ ଆବଶ୍ୟକତା ରହିବ ନାହିଁ। ସକାଳ ୧୦ଟା ପୂର୍ବରୁ ଏଠାରୁ ଅଳିଆ ଉଠି ଯାଇଥିବ। ସମସ୍ତ ଅଳିଆ ପୃଥକୀକରଣ ହେବା ପରେ ଉଠିଯିବ। ଅଳିଆ ଉଠିଲା କି ନାହିଁ ୱାର୍ଡ ପରିମଳ ନିରୀକ୍ଷକ, ସ୍ୱଚ୍ଛ ସାଥୀ, ୱାର୍ଡ ଅଧିକାରୀ ନଜର ରଖିବେ। ୱାର୍ଡ ଭିତରେ ଅଳିଆ ଗଦା ନ ରହିଲେ



ଲୋକେ ଆଉ ଦିନତମାମ ଏଠାରେ ଅଳିଆ ପକାଇବେ ନାହିଁ ବୋଲି ଏହି ନିୟମ ଲାଗୁ କରିବାର ପ୍ରକୃତ ଉଦ୍ଦେଶ୍ୟ ଥିଲା। ଏହାସହ ଯଦି କୌଣସି ଘରୋଇ ଠିକା ସଂସ୍ଥା ଏହାକୁ କଡ଼ାକଡ଼ି ଭାବେ ପାଳନ ନ କରନ୍ତି ତେବେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ସେମାନେ ଓ ବିଏମ୍‌ସି କର୍ମଚାରୀ ଜରିମାନା ଗଣିବେ। ଆରମ୍ଭରୁ କିଛିଦିନ ପର୍ଯ୍ୟନ୍ତ ଏହି ନିୟମ ଜୋର୍‌ଦାର୍‌ରେ ଲାଗୁ କରାଗଲା। ହେଲେ ଏହା ମଧ୍ୟରେ ୪ ମାସ ହେବାକୁ ବସିଲାଣି ହେଲେ ଜିଭିପିର ଚେହେରା ଏପର୍ଯ୍ୟନ୍ତ ବଦଳିଲାନି। ପୂର୍ବଭଳି ଜିଭିପିରେ ଲୋକେ ଅଳିଆ ପକାଉଛନ୍ତି। ଦିନ ୧ଟା ପର୍ଯ୍ୟନ୍ତ ଜିଭିପିରେ ଅଳିଆ ପଡ଼ି ରହୁଛି। ଅଶୋକ ନଗର, ନୂଆପଲ୍ଲୀ, ବ୍ରିଟ୍ କଲୋନୀ ଅଞ୍ଚଳରେ ସମୟ ଅନୁଯାୟୀ ଅଳିଆ ସଂଗ୍ରହ ହେଉ ନ ଥିବା ଅଭିଯୋଗ ହେଉଛି। ବିନା ବାଧାରେ ବ୍ୟବସାୟୀ, ବାସିନ୍ଦା ଏବଂ ଉଠା ଦୋକାନୀ ଏଠାରେ ଅଳିଆ ପକାଉଛନ୍ତି। ସହରର ସୌନ୍ଦର୍ଯ୍ୟକରଣ ନଷ୍ଟ ହେଉଛି। ଅସ୍ୱାସ୍ଥ୍ୟକର ପରିବେଶ ସହ ଅଳିଆ ପଡୁଥିବା ସ୍ଥାନରେ ଦୁର୍ଗନ୍ଧରେ ଲୋକଙ୍କ ନାକ ଫାଟି ପଡୁଛି। ବାପୁଜୀ ନଗର, କେଦାର ପଲ୍ଲୀ ବସ୍ତିର ସ୍ଥାନୀୟ ଲୋକେ ଅଳିଆ ଉଠାଇବାକୁ ଦିନେ କିମ୍ବା ଦୁଇଦିନ ନୁହେଁ; ୫ଦିନ ଧରି ଲଗାତାର ଅଭିଯୋଗ କରିବା ପରେ ଅଳିଆ ଉଠିବା ସମସ୍ୟା ସମାଧାନ ହୋଇଥିଲା। ତେବେ ଏହି ୱାର୍ଡରେ ଅବଶ୍ୟକତା ଅନୁଯାୟୀ ସଫେଇ ଗାଡ଼ିର ଅଭାବ, ଟ୍ରାକ୍ଟର ଏବଂ ଜେସିବି ନ ଥିବାରୁ ଅଳିଆ ଉଠିପାରୁ ନାହିଁ ବୋଲି ସଫେଇ କର୍ମଚାରୀମାନେ ମତ ପ୍ରକାଶ କରିଛନ୍ତି।

# ଭୁବନେଶ୍ୱର ସିଟି

## ଭିକମାଗିବା ଆଳରେ ଆନ୍ଧ୍ର ମହିଳା ଲୁଟେରାଙ୍କ ଉତ୍ପାତ

**ଗୋଟିଏ ଦିନରେ ୩ ମହିଳାଙ୍କ ଠାରୁ ଲୁଟ୍**

ଭୁବନେଶ୍ୱର, ୧୧।୨(ସମିସ): ରାଜଧାନୀରେ ଏବେ ମାତିଛନ୍ତି ଆନ୍ଧ୍ରପ୍ରଦେଶର ମହିଳା ଲୁଟେରା ଗ୍ୟାଙ୍ଗ୍। ସେମାନେ ଭିକ ମାଗିବା ଅଳରେ ଭିଡ଼ରେ ପଶି ଲୋକଙ୍କୁ ଠାରୁ ଲୁଟ୍‌ପାଟ କରୁଛନ୍ତି। ଏକୁଟିଆ ମହିଳାଙ୍କଠାରୁ ଗହଣା ଝାମ୍ପି ଚମ୍ପଟ ମାରୁଛନ୍ତି। ଭୁବନେଶ୍ୱରରେ ସତ୍‌ସଙ୍ଗ ପାଇଁ ଆସିଥିବା ଦୁଇ ମହିଳାଙ୍କ ଠାରୁ ସୁନା ଚେନ୍ ଝାମ୍ପିଥିବା ନେଇ ମଞ୍ଚେଶ୍ୱର ଥାନାରେ ଅଭିଯୋଗ ହୋଇଛି। ଗଞ୍ଜାମ କବି ସୂର୍ଯ୍ୟନଗରର ଜଣେ ମହିଳାଙ୍କ ବେକରୁ ୨ ଭରିର ସୁନା ଚେନ ଲୁଟ୍ ହୋଇଛି। ସେହିପରି ପାତ୍ରପଡ଼ାର ଜଣେ ମହିଳାଙ୍କ ବେକରୁ ଚେନ୍ ଝାମ୍ପିଲା ବେଳେ ଚୋରକୁ ମାଡ଼ି ବସିଲେ ସ୍ଥାନୀୟ ଲୋକେ। ମହିଳା ଲୁଟେରାକୁ କାବୁକରି ମଞ୍ଚେଶ୍ୱର ଥାନା ଜିମା ଦିଆଯାଇଛି। ଧରାପଡ଼ିଥିବା ମହିଳା ଜଣକ ତେଲୁଗୁରେ କଥା ହେଉଥିବା ଜଣାପଡ଼ିଛି। ଏହି ଗ୍ୟାଙ୍ଗରେ ପ୍ରାୟ ୧୦ରୁ ଅଧିକ ମହିଳା ରହିଥିବା ପୁଲିସ କହିଛି। ବିଶେଷକରି ଜନଗହଳିପୂର୍ଣ୍ଣ ସ୍ଥାନ ଏବଂ ବଜାରରେ ଏମାନେ ମହିଳାଙ୍କ ପାଖକୁ ଆସୁଛନ୍ତି ଆଉ ସୁଯୋଗ ମିଳିବା ମାତ୍ରେ ଚେନ ଝାମ୍ପି ଚମ୍ପଟ ମାରୁଛନ୍ତି। ଏଣୁ ଜନଗହଳିପୂର୍ଣ୍ଣ ସ୍ଥାନରେ ସତର୍କତା ଅବଲମ୍ବନ କରିବାକୁ ଅତିରିକ୍ତ ଡିସିପି ପ୍ରକାଶ ପାଲ କହିଛନ୍ତି। ସେହିପରି ନୂଆପଲ୍ଲୀ ଇନ୍ଦ୍ରଧନୁ ମାର୍କେଟ ନିକଟରେ ରୋଜି ନାୟକ ନାମକ ଜଣେ ମହିଳା ମାର୍କେଟରୁ ଘରୁ ଫେରୁଥିବା ସମୟରେ ତାଙ୍କ ବେକରୁ ସୁନାଚେନ୍ ଲୁଟି ଫେରାର ହୋଇଯାଇଥିଲେ ଲୁଟେରା। ଏନେଇ ମହିଳା ଜଣଙ୍କ ଥାନାରେ ଅଭିଯୋଗ କରିଛନ୍ତି। ଭୁବନେଶ୍ୱରରେ ପ୍ରତିଦିନ ଏହି ଭଳି ଘଟଣା ଦେଖିବାକୁ ମିଳୁଛି। ଲୁଟେରା ଓ ରୋଡ ରୋମିଓଙ୍କ ଉତ୍ପାତ ଏବେ ସବୁ ସୀମା ପାର୍ କରି ସାରିଲେଣି। ଆଉ ଏବେ ମହିଳା ଲୁଟେରାଙ୍କ କାରନାମା ପୁଲିସର ମୁଣ୍ଡବିନ୍ଧାର କାରଣ ପାଲଟିଛି।

## ଗ୍ୟାରେଜ୍‌ରୁ ସ୍କୁଟି ଚୋରି କରି ମେକାନିକ୍ ଗିରଫ

ବାଲିଅନ୍ତା,୧୧।୨(ସମିସ): ଗ୍ୟାରେଜରୁ ଏକ ସ୍କୁଟି ଏବଂ ନୂଆ ପାର୍ଟସ ଲୁଟ ମାମଲାରେ ଜଣେ ମେକାନିକକୁ ବାଲିଅନ୍ତା ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ମେକାନିକ ଜଣକ ହେଲା କେନ୍ଦ୍ରାପଡ଼ା ଜିଲ୍ଲା ରାଜନଗର ଥାନା ଅଧୀନ ତରପଡ଼ା ଅଞ୍ଚଳର ବିକ୍ରମ ରାଉତ ଓରଫ ଟୁଟୁ (୨୭)। ଏନେଇ ସ୍ଥାନୀୟ ସତ୍ୟଭାମାପୁର ପଞ୍ଚାୟତ ଅଞ୍ଚଳର କମଳକାନ୍ତ ପାତ୍ର ଅଭିଯୋଗ କରିଥିଲେ। ଅଭିଯୋଗ ଅନୁସାରେ କମଳକାନ୍ତଙ୍କର ରଙ୍ଗବଜାର (ଟୋଲକପଡ଼ା) ନିକଟରେ ଏକ ବାଇକ ଗ୍ଯାରେଜ ଅଛି। ବିକ୍ରମ ଉକ୍ତ ଗ୍ଯାରେଜରେ ମେକନିକ ଭାବେ କାମ କରନ୍ତି। ଗତ ୨୬ ତାରିଖ ଦିନ ଏକ ସ୍କୁଟି ମରାମତି ନେଇ ଗ୍ୟାରେଜରେ ରଖିଥିଲେ। ହେଲେ ବିକ୍ରମ ଗ୍ୟାରେଜରୁ କିଛି ନୂଆ ସ୍ପେୟାର ପାର୍ଟସ ଉକ୍ତ ସ୍କୁଟିରେ ନେଇ ନିଜ ଗାଁ ତରପଦାକୁ ପଳାଇଥିଲେ। କମଳକାନ୍ତ ତାଙ୍କୁ ଫୋନରେ ଯୋଗାଯୋଗ କରିଥିଲେ ମଧ ଆଉ ଆସିନଥିଲେ। ଫଳରେ ସେ ବାଧ ହୋଇ ଥାନାରେ ଅଭିଯୋଗ କରିଥିଲେ। ବାଲିଅନ୍ତା ଥାନା ପୁଲିସ ଅଭିଯୋଗ ଆଧାରରେ ତଦନ୍ତ କରିବା ସହିତ ରବିବାର ବିଶେଷ ସୂତ୍ରରୁ ଖବର ପାଇ ରାଜନଗର ଥାନା ଅନ୍ତର୍ଗତ ଗୋପାଳପୁର ଛକ ନିକଟରେ ଚଢ଼ଉ କରି ନିମ୍ନୋକ୍ତ ଅଭିଯୁକ୍ତଙ୍କୁ କାବୁ କରିବା ସହିତ ଚୋରା ସ୍କୁଟି ସହିତ ଅନ୍ୟାନ୍ୟ ଯନ୍ତ୍ରାଂଶ ମଧ ଜବତ କରିଥିଲେ। ପଚରା ଉଚରା ବେଳେ ଅଭିଯୁକ୍ତ ନିଜର ଅପରାଧ ସ୍ବୀକାର କରିଥିବାରୁ ଅଧିକ ତଦନ୍ତ ପୁଲିସ ତାଙ୍କୁ ଥାନାକୁ ଆଣିଥିଲେ।

## ବେପାରୁଆ ଗାଡ଼ି ଚାଳକଙ୍କୁ ଧରପଗଡ଼

ହଂସପାଳ,୧୧।୨(ସମିସ): ଶନିବାର ବିଳମ୍ବିତ ରାତିରେ ହଂସପାଳ ଅଭୟମୁଖି ମୁଖ୍ୟ ରାସ୍ତାରେ ବାଲିଅନ୍ତା ଥାନା ପୁଲିସ ଦ୍ୱାରା ବଡ଼ ଧରଣର ଯାନବାହାନ ଚେକିଂ କରାଯାଇଥିଲା। ବାଲିଅନ୍ତା ଥାନା ଅଧିକାରୀ ଯୁବରାଜ ସ୍ୱାଇଁ ବଜାର ଛକରେ ସମସ୍ତ ଗାଡ଼ିଗୁଡ଼ିକୁ ଅଟକାଇ ସମସ୍ତ କାଗଜପତ୍ର ତନଖି କରିଥିଲେ। ଫଳରେ ଅତ୍ୟଧିକ ମଦ୍ୟପାନ କରି ବେପାରୁଆ ଗାଡ଼ି ଚଳାଉଥିବା ୩ଟି ମଟର ସାଇକେଲ, ଗୋଟିଏ ଟ୍ରକ୍କୁ ଜବତ କରି ଥାନାକୁ ଅଣାଯାଇଥିଲା। ଆଗକୁ ବଡ ଧରଣର ଧରପଗଡ ସହ ୧୮ ବର୍ଷରୁ କମ ବୟସ ପିଲା ଏବଂ ଲାଇସେନ୍ସ ନଥିବା ବ୍ୟକ୍ତିଙ୍କୁ ଧରିବା ପାଇଁ ସମସ୍ତ ଗଳିକନ୍ଦିରେ ଚେକିଂ କରାଯିବ ବୋଲି ଥାନା ଅଧିକାରୀ ସୂଚନା ଦେଇଛନ୍ତି।

## ଗଞ୍ଜେଇ ବେପାରୀ ଗିରଫ

ଭୁବନେଶ୍ୱର, ୧୧।୨ (ସମିସ): ଗଞ୍ଜେଇ ଜବତ ଘଟଣାରେ ଆଉ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଖଣ୍ଡଗିରିର ସଂସାରୀ ସାହୁ (୬୩)। ପୁଲିସ ସୂଚନା ଅନୁସାରେ, ଗତ ୬ ତାରିଖ ଦିନ ବରମୁଣ୍ଡା ସ୍ଥିତ ରମାମଣୀ ପେଟ୍ରୋଲ ପମ୍ପ ନିକଟରେ ଗଞ୍ଜେଇ କାରବାର ଚାଲିଥିବା ବେଳେ ଖଣ୍ଡଗିରି ପୁଲିସର ଟିମ୍ ସେଠାରେ ଚଢ଼ଉ କରି ଦୁଇଜଣଙ୍କୁ ଗିରଫ କରିଥିଲା। ସେମାନଙ୍କ ନିକଟରୁ ମୋଟ ୩ କିଲୋ ୬୦୦ ଗ୍ରାମ ଗଞ୍ଜେଇ ଓ ୧୮ ହଜାର ୬୮୦ ଟଙ୍କା ଜବତ କରିଥିଲା। ହେଲେ ଗଞ୍ଜେଇ କାରବାରର ଅନ୍ୟତମ ସହଯୋଗୀ ସଂସାରୀ ସେବେଠାରୁ ଫେରାର ରହିଥିଲା। ରବିବାର ଖଣ୍ଡଗିରି ଛକ ନିକଟରୁ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

**କମିସନରେଟ୍ ପୁଲିସର ନିର୍ଦ୍ଦେଶ**

# ନିର୍ବାଚନ ପୂର୍ବରୁ ବନ୍ଧୁକ ଦାଖଲ କର

ଭୁବନେଶ୍ୱର, ୧୧।୨(ସମିସ):



ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ଏବେଠୁ କମିସନରେଟ୍ ପୁଲିସ ପ୍ରସ୍ତୁତି ଆରମ୍ଭ କରିଛି। ନିର୍ବାଚନ ସମୟରେ କେହି ଲାଇସେନ୍ସପ୍ରାପ୍ତ ବନ୍ଧୁକର ଅପବ୍ୟବହାର ନ କରିବ ସେଥିଲାଗି ପୁଲିସ କଡ଼ା ପଦକ୍ଷେପ ନେଇଛି। ତେଣୁ ବନ୍ଧୁକ ଲାଇସେନ୍ସ ନେଇଥିବା ବ୍ୟକ୍ତି ଆସନ୍ତା ୨୫ ଦିନ ମଧ୍ୟରେ ବନ୍ଧୁକ ନିକଟସ୍ଥ ଥାନାରେ ଦାଖଲ କରିବାକୁ କମିସନରେଟ୍ ପୁଲିସ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁମାନେ ଦାଖଲ କରିବେ ନାହିଁ ସେମାନଙ୍କର ଲାଇସେନ୍ସ ବାତିଲ କରାଯିବା ସହ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ। ବନ୍ଧୁକ ନେଇଥିବା ରାଇଫଲ୍ ଆସୋସିଏସନ୍ ଏବଂ କ୍ଲବ୍ ମଧ ଫେରାଇବାକୁ ବାଧ ହେବେ। ଯେଉଁମାନଙ୍କର ଲାଇସେନ୍ସର ସମୟସୀମା ଶେଷ ହୋଇଯାଇଛି ସେମାନେ ମଧ କୌଣସି ପ୍ରକାର ଥାନାରେ ବନ୍ଧୁକ ଦାଖଲ କରିବେ। ଅନେକ ବ୍ୟକ୍ତି ବନ୍ଧୁକ ଲାଇସେନ୍ସ ନେଇ ଦେଶ ବାହାରକୁ ପଳାଇଯାଇଛନ୍ତି। ସେମାନେ କୌଣସି ପ୍ରକାରରେ ବନ୍ଧୁକ ଲାଇସେନ୍ସର ନବୀକରଣ କରିପାରି ନାହାନ୍ତି। ସେମାନେ ଫୋନ୍ କିମ୍ବା ଇ-ମେଲ୍ ମାଧମରେ ପୁଲିସକୁ ଅବଗତ କରିପାରିବେ। ନିର୍ବାଚନ ପର୍ବରୁ ବନ୍ଧୁକ ଲାଇସେନ୍ସ ନେଇଥିବା ବ୍ୟକ୍ତି ବନ୍ଧୁକ ଥାନାରେ ଦାଖଲ କରିବା ନିର୍ବାଚନ କମିସନରଙ୍କ ନିର୍ଦ୍ଦେଶ ରହିଛି। ତେଣୁ ଏହି ନିର୍ଦ୍ଦେଶକୁ ପୁଲିସ କଡ଼ାକଡ଼ି ପାଳନ କରୁଛି। ନିର୍ବାଚନ ସମୟରେ ସେମାନେ ବନ୍ଧୁକ ଦାଖଲ ନ କଲେ ଏହାର ଅପବ୍ୟବହାର କରିବାର ଅଧିକ ସମ୍ଭାବନା ରହିଛି। ନିର୍ବାଚନକୁ ନିରପେକ୍ଷ କରିବା ପାଇଁ ନିର୍ବାଚନ କମିଶନ ବନ୍ଧୁକ ଦାଖଲ କରିବାକୁ ପୁଲିସ ନିର୍ଦ୍ଦେଶ ଦେଇଛନ୍ତି।

ପୂର୍ବରୁ ଅନେକ ବ୍ୟକ୍ତି ବନ୍ଧୁକ ଲାଇସେନ୍ସ ନେଇ ଏହାକୁ ଅପବ୍ୟବହାର କରିଛନ୍ତି। ଲାଇସେନ୍ସ ବନ୍ଧୁକ ନେଇ ଛୋଟ ଛୋଟ ଗଣ୍ଡଗୋଳରୁ ଲାଇସେନ୍ସ ବନ୍ଧୁକରୁ ଗୁଳି ଫୁଟାଇଛନ୍ତି। ଯେଉଁଥି ପାଇଁ ସେମାନଙ୍କୁ ଗିରଫ କରାଯିବା ସହ ଲାଇସେନ୍ସକୁ ବାତିଲ କରାଯାଇଛି। ତେଣୁ ପୁଲିସ ଏଥର ବନ୍ଧୁକ ଲାଇସେନ୍ସ ଦେବା ପୂର୍ବରୁ ଜଣେ ବ୍ୟକ୍ତିର ମାନସିକ ସ୍ଥିତି ପରଖୁଛନ୍ତି। ସବୁ ଠିକ୍‌ଠାକ୍ ଥିବା ନେଇ ରିପୋର୍ଟ ମିଳିବା ପାଇଁ ଲାଇସେନ୍ସ ପ୍ରଦାନ କରାଯାଉଛି। ସେହିଭଳି ଆଗକୁ ମାନସିକ ବିଶେଷଜ୍ଞଙ୍କ ଦ୍ୱାରା ଆବଶ୍ୟକ ପ୍ରମାଣପତ୍ର ଦାଖଲ କରିବା ପରେ ସେମାନଙ୍କୁ ଲାଇସେନ୍ସ ଦିଆଯିବ।

**୬ ବର୍ଷରେ ୮୬ ଅନୁମତି**

ମିଳିଥିବା ତଥ୍ୟ ଅନୁଯାୟୀ, ଗତ ୬ ବର୍ଷରେ ରାଜଧାନୀରୁ ୮୬ ଜଣ ବନ୍ଧୁକ ଲାଇସେନ୍ସ ନେଇଛନ୍ତି। ୨୦୧୭ରେ ୧୨ଜଣ ନେଇଥିବା ବେଳେ ୨୦୧୮ରେ ୧୭ ଜଣ ଏବଂ ୨୦୧୯ରେ ୧୫ ଜଣ ବନ୍ଧୁକ ଲାଇସେନ୍ସ ନେଇଛନ୍ତି। ୨୦୨୦ରେ ସର୍ବାଧିକ ୩୫ ଜଣ ବନ୍ଧୁକ ଲାଇସେନ୍ସ ନେଇଥିବା ବେଳେ ୨୦୨୧ରେ ୨ଜଣ ନେଇଛନ୍ତି। ୨୦୨୨-୨୩ ରେ ୫ଜଣ ବନ୍ଧୁକ ଲାଇସେନ୍ସ ନେଇଛନ୍ତି। ଏୟାରଫିଲ୍ଡ ଥାନା ଅଞ୍ଚଳରେ ୩ଜଣ ନେଇଥିବା ବେଳେ ଏୟାରପୋର୍ଟ ଥାନା ଅଞ୍ଚଳରେ ୪ଜଣ, ବଡ଼ଗଡ଼ ଥାନା ଅଞ୍ଚଳରୁ ୫ଜଣ, ବାଲିଅନ୍ତା ୪ଜଣ, ବାଲିପାଟଣା ୨ଜଣ, ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରୁ ୮ଜଣ, କ୍ୟାପିଟାଲ ୭ଜଣ, ଚନ୍ଦକା ଏବଂ ଇନ୍‌ଫୋସିଟି ଥାନା ଜଣେ ଲେଖାଏ ଲାଇସେନ୍ସ ନେଇଛନ୍ତି। ଜଟଣୀ ୭, ଖଣ୍ଡଗିରି ୧୨ଜଣ, ଖାରବେଳନଗର ୬ଜଣ, ଲକ୍ଷ୍ମୀସାଗର ୫ଜଣ, ମଞ୍ଚେଶ୍ୱର ଜଣେ, ନୂଆପଲ୍ଲୀ ୯, ସହିନଗର ୬ ଜଣ ଏବଂ ଲିଙ୍ଗରାଜ ଥାନାର ୩ଜଣ ବନ୍ଧୁକ ଲାଇସେନ୍ସ ନେଇଛନ୍ତି।

**ଦାଖଲ ନ କରିଲେ; କଡ଼ା କାର୍ଯ୍ୟାନୁଷ୍ଠାନ**

**ବନ୍ଧୁକର ଅପବ୍ୟବହାର ହେଲେ ଗିରଫ ହେବେ**

## ସମ୍ବାଦିକଙ୍କୁ ଆକ୍ରମଣ ଘଟଣା

## ଅଭିଯୁକ୍ତ ଚିହ୍ନଟ, ଏନ୍‌ଏଚ୍‌ଆଇସିରେ ମାମଲା

ଭୁବନେଶ୍ୱର, ୧୧।୨(ସମିସ): ଶନିବାର ବିଳମ୍ବିତ ରାତିରେ ମଞ୍ଚେଶ୍ୱର ଥାନା ଅଞ୍ଚଳରେ ସାମ୍ବାଦିକ ଜ୍ୟୋତିରଞ୍ଜନ ମହାପାତ୍ରଙ୍କୁ ଆକ୍ରମଣ ଘଟଣାରେ ପୁଲିସ ଗୁରୁତର ସହ ନେଇ ଆର୍ମ ଆକ୍ଟରେ ମାମଲା ରୁଜୁ କରିଛି। ରବିବାର ସକାରେ ପୁଲିସ ସିସିଟିଭି ଯାଞ୍ଚ ପରେ ଅଭିଯୁକ୍ତଙ୍କୁ ଚିହ୍ନଟ କରିଛି। ସେମାନଙ୍କୁ ଧରିବା ପାଇଁ ୩ଟି ଟିମ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ପୃକ୍ତ ଆକ୍ରମଣକାରୀଙ୍କୁ ଗିରଫ କରାଯିବ ବୋଲି ପୁଲିସ କହିଛି। ଅନ୍ୟପଟେ ଏହାକୁ ବିଭିନ୍ନ ମହଲରେ ନିନ୍ଦା କରାଯାଇଛି।

ଶନିବାର ରାତି ପ୍ରାୟ ୧୨ଟାରେ ସାମ୍ବାଦିକ ଜ୍ୟୋତି ରଞ୍ଜନ ତାଙ୍କ ସାନ ଭାଇ ସହ ରସୁଲଗଡ଼ରୁ ମଟରସାଇକଲରେ ଘରକୁ ଫେରୁଥିବା ସମୟରେ ସୈନିକ ସ୍କୁଲ ନିକଟ ବିଏମ୍‌ସି ଡମ୍ପିୟାର୍ଡ ନିକଟରେ ଦୁଇଟି ମଟରସାଇକଲରେ ୪ ଜଣ ଦୁର୍ବୃତ୍ତ ତାଙ୍କୁ ପିଛା କରିଥିଲେ। ଜ୍ୟୋତି ରଞ୍ଜନ ଦ୍ରୁତ ବେଗରେ ଯିବା ବେଳେ ଏକ ଟର୍ଣ୍ଣିଂ ନିକଟରେ ସେ ଗାଡ଼ିରୁ ପଡ଼ି ଯାଇଥିଲେ। ଏହି ସମୟରେ ପିଛା କରୁଥିବା ଦୁର୍ବୃତ୍ତମାନେ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଖଣ୍ଡାରେ ତାଙ୍କ ମୁଣ୍ଡ, ହାତ ଓ ପିଠିକୁ ଚୋଟ ପରେ ଚୋଟ ମାରିଥିଲେ। ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ଲାଗି ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଥିବା ଅତିରିକ୍ତ ପୁଲିସ ଉପାୟୁକ୍ତ ପ୍ରକାଶ ଚନ୍ଦ୍ର ପାଲ ସୂଚନା ଦେଇଛନ୍ତି। ଏସଂକ୍ରାନ୍ତରେ ନ୍ୟାୟ ପାଇଁ ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶ ଜାତୀୟ ମାନବାଧିକାର ଆୟୁକ୍ତ (ଏନ୍‌ଏଚ୍‌ଆର୍ସି)ରେ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ ହୋଇଛି।

## ୧୭୦ ଲିଟର ମଦ ଜବତ; ୨ ଗିରଫ

ଭୁବନେଶ୍ୱର, ୧୧।୨ (ସମିସ): ସାଲିଆ ସାହିରୁ ପୁଣି ଠାବ ହୋଇଛି ଦେଶୀ ମଦ ଭାଟି। ଦେଶୀମଦ ପ୍ରସ୍ତୁତ କରି ବିକ୍ରି କରୁଥିବା ଅଭିଯୋଗରେ ଜଣେ ମହିଳାଙ୍କ ସମେତ ଦୁଇ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ସାଲିଆ ସାହି ନୀଳଚକ୍ର ନଗରରେ ରହୁଥିବା ମୟୂରଭଞ୍ଜ ଜିଲ୍ଲା ଯଶିପୁର ପଦ୍ମପୁରର ରଶିକେ ହୋ (୪୫) ଓ ଇଡ଼କୋ ବସ୍ତିରେ ରହୁଥିବା ମୋରଡ଼ା ଥାନା ମଝିଗାଁର ପୁନି ହାଁସଦା (୪୫)। ପୁଲିସ ସୂଚନା ଅନୁଯାୟୀ, ସାଲିଆ ସାହିରେ ଦେଶୀମଦ ପ୍ରସ୍ତୁତ ହୋଇ ବିକ୍ରି ହେଉଥିବା ନେଇ ମୈତ୍ରୀ ବିହାର ଥାନା ପୁଲିସ ଖବର ପାଇଥିଲା। ଥାନାର ଦୁଇଟି ଟିମ ସାଲିଆ ସାହିର ନୀଳଚକ୍ର ନଗର ଓ ଇଡକୋ ବସ୍ତିରେ ଚଢ଼ଉ କରିଥିଲା। ନୀଳଚକ୍ର ନଗରରୁ ରଶିକକୁ ଗିରଫ କରି ୫୦ ଲିଟର ଦେଶୀମଦ ଓ ମଦ ପ୍ରସ୍ତୁତି ଉପକରଣ ଜବତ କରିଥିଲା। ସେହିପରି ଇଡକୋ ବସ୍ତିରୁ ପୁନିଙ୍କୁ ଗିରଫ କରି ୧୨୦ ଲିଟର ଦେଶୀ ମଦ ଓ ମଦ ପ୍ରସ୍ତୁତି ଉପକରଣ ସବୁକୁ ଜବତ କରିଥିଲା। ଦେଶୀମଦ ବିକ୍ରୟ ଓ ପ୍ରସ୍ତୁତି ନେଇ ପାଖରେ ସେମାନଙ୍କ ପାଖରେ କୌଣସି ଅନୁମତିପତ୍ର ନ ଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ମୈତ୍ରୀ ବିହାର ଥାନା ପୁଲିସ ଦୁଇଟି ମାମଲା ରୁଜୁକରି ଦୁଇ ଜଣଙ୍କୁ କୋର୍ଟ ଚାଲାଣ କରିଛି।




## ଦିନକରେ ଧରାପଡ଼ିଲେ ୨୭ ମଦୁଆ ଡ୍ରାଇଭର୍

ଭୁବନେଶ୍ୱର, ୧୧।୨(ସମିସ): ମଦ୍ୟପ ଚାଳକଙ୍କୁ ଭୁବନେଶ୍ୱର ରାଜରାସ୍ତା ମନା। ମଦପିଇ ଗାଡି ଚଳାଉଥିବା ଚାଳକଙ୍କ ବିରୋଧରେ କମିସନରେଟ୍ ପୁଲିସ ଜାରିରଖିଛି ଶୂନ ସହନଶୀଳତା ନୀତି। ମଦ୍ୟପ ଚାଳକଙ୍କ ବିରୋଧରେ ଚାଲିଥିବା ଧରପଗଡ଼କୁ ଆହୁରି ତୀବ୍ର କରାଯାଇଛି। ଏହିକ୍ରମରେ ଶନିବାର ପୁଣି ୨୭ଜଣ ମଦ୍ୟପ ଚାଳକଙ୍କୁ ଧରିଛି କମିସନରେଟ୍ ପୁଲିସ। ସେମାନଙ୍କ ନାମରେ ମାମଲା ରୁଜୁକରିବା ସହ ଗାଡ଼ିଗୁଡିକୁ ଜବତ କରିଛି ପୁଲିସ। ଲକ୍ଷ୍ମୀସାଗର ୭ଜଣ, ଖାରବେଳନଗର ଓ ଜଟଣୀରୁ ୫ଜଣ ଲେଖାଏଁ, ଚନ୍ଦ୍ରଶେଖରପୁର ୩ଜଣ, ଭରତପୁର, ଖଣ୍ଡଗିରି ଓ ବଡ଼ଗଡ଼ ଥାନା ଅଞ୍ଚଳରୁ ୨ଜଣ ଲେଖାଏଁ ଏବଂ ସହିଦନଗରରୁ ଜଣେ ମଦ୍ୟପ ଚାଳକଙ୍କୁ କାବୁ କରାଯାଇଛି। ଗଲା ରାତିରେ କଟକରୋଡ, ନନ୍ଦନକାନନ ରୋଡ, ଜନପଥ, ଲୁଇସ୍‌ରୋଡ ଓ ଖଣ୍ଡଗିରି ଛକରେ ଯାଞ୍ଚକୁ କଡ଼ାକଡ଼ି କରାଯାଇଥିଲା। ଧରାପଡ଼ିଥିବା ମଦ୍ୟପଙ୍କ ବିରୋଧରେ ଲାଗିଥିବା ଦଫା ୭ବର୍ଷରୁ କମ୍ ହୋଇଥିବାରୁ ସେମାନଙ୍କ ନାମରେ ମାମଲା ରୁଜୁ କରି ଛାଡ଼ି ଦିଆଯାଇଛି। କିନ୍ତୁ ସେମାନେ ବ୍ୟବହାର କରୁଥିବା ଗାଡ଼ିଗୁଡ଼ିକୁ ଜବତ କରାଯାଇଛି। ସେମାନେ କୋର୍ଟରୁ ଅନୁମତି ଆଣିବା ପରେ ଗାଡ଼ିଗୁଡ଼ିକୁ ମୁକୁଳାଇ ନେଇପାରିବେ।

ଏହି ମାମଲାଗୁଡିକରେ ଖୁବ୍‌ଶୀଘ୍ର ତଦନ୍ତ କରାଯାଇ କୋର୍ଟରେ ଚାର୍ଜସିଟ୍‌ରେ ଦାଖଲ କରାଯିବ। କେବଳ ରକ୍ତ ନମୂନା ଓ ଅନ୍ୟ କିଛି ପ୍ରମାଣ ଆଧାରରେ କୋର୍ଟ ରାୟ ପ୍ରକାଶ କରିବେ। ତେଣୁ ଏହି ମାମଲାଗୁଡ଼ିକରେ ସଜା ହାର ବଢ଼ିବ ବୋଲି ଆଶା କରାଯାଉଛି। ପରବର୍ତ୍ତୀ ସମୟରେ ମଦ୍ୟପ ଚାଳକମାନେ ଗିରଫ ହୋଇ ଜେଲ୍ ବି ଯିବେ। ସେଭଳି ପାଠପଢ଼ା ସହ ବିଦେଶକୁ ଭ୍ରମଣ ସମୟରେ ପାସ୍‌ପୋର୍ଟ କିମ୍ବା ଅନ୍ୟାନ୍ୟ ଜରୁରୀ ସମୟରେ ସେମାନଙ୍କ ନାମରେ ଥିବା ମାମଲା ଅଡୁଆ ସୃଷ୍ଟି କରିବ। ଫଳରେ ପାଠପଢ଼ିବା ଓ ବିଦେଶ ଯିବା ଯାତ୍ରା ଅଧାରେ ଅଟକି ଯିବ। ସେହିପରି ପ୍ରଥମ ଥର ଧରାପଡୁଥିବା ମଦ୍ୟପ ଚାଳକ ଲାଇସେନ୍ସ ରଦ୍ଦ କ୍ଷେତ୍ରରେ ସାମାନ୍ୟ କୋହଳ କରାଯାଇଛି। ଦ୍ୱିତୀୟ ଥର ଅନୁରୂପ ଭାବେ ଧରାପଡ଼ିଲେ ଚାଳକଙ୍କ ଲାଇସେନ୍ସ ବାତିଲ ଲାଗି ପରିବହନ ବିଭାଗ ନିକଟରେ ଆବେଦନ କରାଯିବ ବୋଲି ଅତିରିକ୍ତ ଡିସିପି ପ୍ରକାଶ ପାଲ୍ ସୂଚନା ଦେଇଛନ୍ତି।

**ଦ୍ୱିତୀୟ ଥର ଧରାପଡ଼ିଲେ ଲାଇସେନ୍ସ ହେବ ବାତିଲ୍**

### ମଦ ପାଇଁ ଚାକିରି ଗଲା

ଦ୍ରୁତଗତିରେ ଚଳାଉଥିଲେ ଅଡି କାର୍। ଯାଞ୍ଚ ସମୟରେ ପୁଲିସ ହାବୁଡ଼ରେ ପଡ଼ି ଯାଇଥିଲେ। ପୁଲିସ ବ୍ରେଥଆନାଲାଇଜରରେ ଯାଞ୍ଚ କରିବାରୁ ଚାଳକ ପ୍ରଚୁର ମଦ ପିଇଥିବା ଜଣାପଡ଼ିଥିଲା। ଗାଡ଼ି ସହ ଚାଳକଙ୍କୁ ଥାନାକୁ ନେଇ ଅଟକ ରଖି କାର୍‌ର ମାଲିକାନା ବିଷୟରେ ପଚରା ଯାଇଥିଲା। ଉକ୍ତ କାର୍‌ଟି ନିଜର ନୁହେଁ ବରଂ ଜଣେ ପ୍ରତିଷ୍ଠିତ ବ୍ୟକ୍ତିଙ୍କ ଚାଳକ ବୋଲି ଜଣାପଡ଼ିଥିଲା। ତଥାପି ପୁଲିସ କାର୍‌କୁ ଜବତ କରିଥିଲା। ଏକଥା କାର୍ ମାଲିକ ଜାଣିବା ପରେ ଉତ୍‌କ୍ଷୀପ୍ତ ହୋଇଯାଇଥିଲେ। ପରେ ଚାଳକକୁ ଚାକିରିରୁ ବାହାର କରି ଦେଇଥିଲେ। ଚାଳକ ନାମରେ ମାମଲା ରୁଜୁ ହୋଇଛି; କିନ୍ତୁ ଆଇନ୍ ଅନୁଯାୟୀ ପୁଲିସ ଛାଡ଼ି ଦେଇଛି। ତେବେ ଚାଳକ ଚାକିରି ହରାଇବା ପରେ କେମିତି ପରିବାର ଚଳାଇବେ ତାକୁ ନେଇ ଚିନ୍ତା ବଢ଼ିଛନ୍ତି। ଭଲ ଦରମା ପାଉଥିବା ବେଳେ ମଦପିଇ ଗାଡ଼ି ଚଳାଇବା ଚାଳକଙ୍କ ଲାଗି ପଡ଼ିଛି ମହଙ୍ଗା।

# ମଣ୍ଡପ ଲୁଟ୍ ରୋକିବାକୁ ପୁଲିସର ଖସଡ଼ା

- ସୁରକ୍ଷା ସମ୍ପର୍କରେ ଅବଗତ ହେବେ ଲାଇସେନ୍ସଧାରୀ
- ବିବାହ ଉତ୍ସବ ଦିନ ଫୋନ୍ କରିବେ ପୁଲିସ କର୍ମଚାରୀ
- ଏଣିକି ବର ଓ କନ୍ୟା ପକ୍ଷ ନମ୍ବର ଦେବା ବାଧ୍ୟତାମୂଳକ

ଭୁବନେଶ୍ୱର, ୧୧।୨(ସମିସ):



ବିବାହ ଉତ୍ସବରେ ଅତିଥି ବେଶରେ ଆସୁଛନ୍ତି ଲୁଟେରା। ଭୋଜି ଖାଇବା ପରେ ନବଦମ୍ପତିଙ୍କୁ ମିଳିଥିବା ସୁନାଗହଣା ଓ ଉପହାର ଲୁଟି ନେଉଛନ୍ତି। ବିବାହ ଋତୁରେ ଏଭଳି ରାଜଧାନୀରେ ବିବାହ ମଣ୍ଡପରୁ ସୁନାଗହଣା ଓ ଦାମୀ ଉପହାର ଲୁଟି ନେଉଥିବା ଅଭିଯୋଗ ହେଉଛି। ଦିନକରେ ୩ରୁ ୪ଟି ବିବାହ ମଣ୍ଡପରୁ ଅତିଥି ବେଶରେ ଆସି ଲୁଟ୍‌ପାଟ୍ କରି ଆତଙ୍କ ଖେଳାଇଥିବା ଅଭିଯୋଗ ହୋଇଛି। ଏଭଳି ଲୁଟ୍ ରୋକିବାକୁ ଏକ ସ୍ୱତନ୍ତ୍ର ଖସଡ଼ା ପ୍ରସ୍ତୁତ କରିଛି କମିସନରେଟ୍ ପୁଲିସ। ବିବାହ ଉତ୍ସବ ସମୟରେ ମଣ୍ଡପଗୁଡ଼ିକର ସୁରକ୍ଷାକୁ ସୁନିଶ୍ଚିତ କରିବା ଲାଗି ପୁଲିସ ଗୁରୁତ୍ୱ ଦେଇଛି। ଏଥିଲାଗି ଲାଇସେନ୍ସ ଆବେଦନକାରୀଙ୍କ ଆଗୁଆ ସତର୍କ ରହିବା ସହ ଅଧିକରୁ ଅଧିକ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରିବା ଲାଗି ପୁଲିସ ପକ୍ଷରୁ କୁହାଯାଇଛି। ସୁରକ୍ଷାର ଅନେକ ଦିଗ ବିଷୟରେ ଲାଇସେନ୍ସଧାରୀଙ୍କୁ ଅବଗତ କରିବ ଲାଇସେନ୍ସ ସେଲ୍‌ଫ।

ଆବେଦନକାରୀଙ୍କୁ ଲାଇସେନ୍ସ ଦେବା ସମୟରେ ଅନେକ ଦିଗକୁ ଧ୍ୟାନ ଦେବାକୁ ପୁଲିସ ପକ୍ଷରୁ କୁହାଯାଇଛି। ସୁନାଗହଣା ଓ ଉପହାର ରହୁଥିବା ସ୍ଥାନରେ ଅଧିକ ସୁରକ୍ଷାକର୍ମୀଙ୍କୁ ନିୟୋଜିତ କରନ୍ତୁ କିମ୍ବା ନିଜେ ଉପସ୍ଥିତ ରହିବାକୁ କୁହାଯାଉଛି। ବିବାହ ଦିନ ସକାଳୁ ଲାଇସେନ୍ସ ସେଲ୍‌ଫ ପକ୍ଷରୁ ଆବେଦନକାରୀଙ୍କୁ ସଚେତନତା କରାଯାଉଛି। ସେଲ୍‌ଫରେ ନିର୍ଦ୍ଦିଷ୍ଟ ଭାବେ ନିୟୋଜିତ ରହିଥିବା ଜଣେ ପୁଲିସ କର୍ମଚାରୀ ଲାଇସେନ୍ସ ଆବେଦନକାରୀଙ୍କୁ ଫୋନ୍ କରି ଅଗବତ କରାଯାଉଛି। କେଉଁ ସୁରକ୍ଷା ଦିଗ ଉପରେ ଅଧିକ ଗୁରୁତ୍ୱ ଦେବେ ସେ ବିଷୟରେ କୁହାଯାଉଛି। ସେହିପରି ଲାଇସେନ୍ସ ଆବେଦନ କରିଥିବା ବ୍ୟକ୍ତି ନିଜର ସମ୍ପର୍କୀୟଙ୍କ ଲାଗି ଆବେଦନ କରୁଛନ୍ତି। ଏଥିସହ ବର କିମ୍ବା କନ୍ୟା ପକ୍ଷରୁ ଜଣେ ଆସି ଲାଇସେନ୍ସ ନେଇଯାଉଛି। ଜଣେ ଲାଇସେନ୍ସଧାରୀ ଅନୁମତି ନେଇଥିବାରୁ ପୁଲିସ ପକ୍ଷରୁ ଫୋନ୍ କରି କହିବା ପରେ ବି ଅନ୍ୟ ଜଣେ ଠିକ୍ ସମୟରେ ଜଣାଇପାରୁନାହାନ୍ତି। ଏଣିକି ଲାଇସେନ୍ସ ନେବା ସମୟରେ ବର ଓ କନ୍ୟା ପକ୍ଷରୁ ଲାଇସେନ୍ସ ସେଲ୍‌ଫରେ ଦୁଇଟି ନମ୍ବର ଦେବାକୁ ବାଧ୍ୟତାମୂଳକ କରାଯାଇଛି। ସମସ୍ତଙ୍କ ନିକଟକୁ ପୁଲିସର ଫୋନ୍ ଯିବା ଫଳରେ ଲାଇସେନ୍ସଧାରୀ ସତର୍କ ହୋଇ ଆଗୁଆ ସମସ୍ତ ସୁରକ୍ଷା ଦିଗ ପ୍ରତି ଧ୍ୟାନ ଦେବେ ବୋଲି ଅତିରିକ୍ତ ଡିସିପି ପ୍ରକାଶ ପାଲ୍ ସୂଚନା ଦେଇଛନ୍ତି।

### ବାପା, ପୁଅଙ୍କୁ ଖୋଜୁଛି ପୁଲିସ

ଗୋଟିଏ ଦିନରେ ଦୁଇଟି ବିବାହ ମଣ୍ଡପରୁ ଲୁଟ୍ ପଛରେ ବାପା ଓ ପୁଅର ସମ୍ପୃକ୍ତି ରହିଛି। ଉଭୟ ଦୁଇ ବର୍ଷ ତଳେ କମିସନରେଟ ପୁଲିସ ହାତରେ ଧରାପଡ଼ିଥିଲେ। ସେମାନଙ୍କ ଠାରୁ ଚୋରି ସୁନାଗହଣା ଓ ଟଙ୍କା ବି ମିଳିଥିଲା। ବାପା ଜେଲ୍ ଯାଇଥିବା ବେଳେ ନାବାଳକ ପୁଅକୁ ପୁଲିସ ଛାଡ଼ି ଦେଇଥିଲା। ଜାମିନ୍‌ରେ ମୁକୁଳିବା ପରେ ପୁଣି ନାବାଳକ ପୁଅକୁ ଧରି ଲୁଟ୍ କରିବାରେ ମାତିଛି ବାପା। ଭୁବନେଶ୍ୱର ଏକ ତାରକା ହୋଟେଲ୍ ଓ ରିଗାଲ୍ ପାମ୍ ମଣ୍ଡପରୁ ଗୋଟିଏ ଦିନରେ ଲୁଟ୍ ହୋଇଥିଲା। ଦୁଇଟି ମଣ୍ଡପର ସିସିଟିଭି ଯାଞ୍ଚ କରିବାରୁ ଜଣେ ନାବାଳକ ସମ୍ପୃକ୍ତି ରହିଥିବା ଦେଖାଯାଉଥିଲା। ଅତିଥି ବେଶରେ ଆସି ନବ ଦମ୍ପତିଙ୍କୁ ମିଳିଥିବା ସୁନାଗହଣା ଓ ଟଙ୍କାରୁ ଅତି ଚତୁରତାର ସହ ନେଇ ଯାଉଥିଲେ। ଉକ୍ତ ନାବାଳକକୁ ଚିହ୍ନଟ କରାଯାଇଥିଲା। ତେବେ ନାବାଳକ ବାପା ମଣ୍ଡପ ନିକଟରେ ପୂର୍ବରୁ ଲୁଚି ରହିଥିବା ସିସିଟିଭି ଫୁଟେଜ୍‌ରୁ ଜଣାପଡ଼ିଛି। ଦୁଇଟି ମାମଲା ରୁଜୁକରି ଉଭୟ ବାପା ଓ ପୁଅଙ୍କୁ ଧରିବା ଲାଗି ଉଦ୍ୟମ କରୁଥିବା କମିସନରେଟ୍ ପୁଲିସ କହିଛି।

## ଅପରାଧରେ ମୋହରା ନାବାଳକ

ଭୁବନେଶ୍ୱରକୁ ରାଜ୍ୟ ତଥା ରାଜ୍ୟ ବାହାରୁ କିଛି ବନ୍‌ଜାରା ଶ୍ରେଣୀର ଲୋକେ ଆସୁଛନ୍ତି। ସେମାନଙ୍କ ନାବାଳକ ପିଲାଙ୍କୁ ନେଇ ଅପରାଧରେ ଲଗାଉଛନ୍ତି ଅସାମାଜିକ ବ୍ୟକ୍ତି। ବିବାହ, ବ୍ରତ ଓ ଅନ୍ୟାନ୍ୟ ଉତ୍ସବ ହେଉଥିବା ମଣ୍ଡପ ଓ ହୋଟେଲଗୁଡ଼ିକରେ ନାବାଳକଙ୍କୁ ନେଇ ଛାଡ଼ି ଦେଉଛନ୍ତି। ଭଲ ପୋଷାକ ପିନ୍ଧାଇ ଓ ପୂରା ବେଶରେ ମଣ୍ଡପରେ ଛାଡ଼ି ଦେଉଛନ୍ତି। ନାବାଳକ ବିବାହ ଭୋଜି ଖାଇବା ପରେ ସେଠାରୁ ଲୁଟ୍ କରିବା ଲାଗି ସୁଯୋଗ ଅପେକ୍ଷାରେ ଜଗି ରହୁଛି। ବିବାହରେ ଯୋଗଦେବାକୁ ଆସିଥିବା ଅତିଥି ହୁଅନ୍ତୁ କିମ୍ବା ନବଦମ୍ପତିଙ୍କୁ ମିଳିଥିବା ସୁନାଗହଣା ଉପରେ ନଜର ରଖୁଛି। ଟିକିଏ ଅସାବଧାନତା ହେବା କ୍ଷଣି ନାବାଳକ ସେଇ ବ୍ୟାଗ୍‌କୁ ଧରି କିଛି ମିନିଟ୍‌ରେ ବାହାରକୁ ପଳାଇ ଆସୁଛି। ବାହାରେ ଅପେକ୍ଷା କରିଥିବା ବ୍ୟକ୍ତିକୁ ନାବାଳକ ସୁନାଗହଣା ଓ ଟଙ୍କା ବ୍ୟାଗ୍ ଆଣି ଦେଇଦେଉଛି। ପରେ ଉକ୍ତ ବ୍ୟକ୍ତି ସୁନାଗହଣା ଓ ଟଙ୍କା ନେଇ ଚମ୍ପଟ୍ ହୋଇଯାଉଛି। ସମ୍ପୃକ୍ତ ନାବାଳକକୁ ମାତ୍ର କିଛି ଟଙ୍କା ଦେଇ ଲକ୍ଷାଧିକ ଟଙ୍କାର ସୁନାଗହଣା ନେଇ ପଳାଯାଉଛି ସ୍ଥାନୀୟ ଅପରାଧୀ। ତେବେ ନାବାଳକ ଲୁଟ୍ ସମୟରେ ଧରାପଡ଼ିଲେ ନିୟୋଜିତ କରିଥିବା ବ୍ୟକ୍ତି ବିଷୟରେ ସେ କିଛି କହିପାରୁନି। ପରବର୍ତ୍ତୀ ସମୟରେ ସମ୍ପୃକ୍ତ ନାବାଳକକୁ ତାଗିଦ୍ କରି ଛାଡ଼ି ଦିଆଯାଉଛି।

# ଅସ୍ତମିତ ଆଉ ଏକ ଉଜ୍ଜ୍ୱଳ ନକ୍ଷତ୍ର



## ଗଡ଼ଜାତ ଓ ମୟୂରଭଞ୍ଜ ଆନ୍ଦୋଳନର କର୍ଣ୍ଣଧାର ସାଜିଥିଲେ

ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଅନ୍ତର୍ଗତ ଜଗନ୍ନାଥ ଖୁଣ୍ଟା ଗ୍ରାମରେ ପିତା ବିଶ୍ୱେଶ୍ୱର ହୋତା ଓ ମାତା କାଞ୍ଚନ ଦେବୀଙ୍କ ଗର୍ଭରୁ ୧୯୨୯ ମସିହା ସେପ୍ଟେମ୍ବର ୨୯ ତାରିଖରେ ସାତକଡ଼ି ଜନ୍ମଗ୍ରହଣ କରିଥିଲେ। ଗାଁ ବିଦ୍ୟାଳୟରେ ପ୍ରାଥମିକ ଶିକ୍ଷା ଗ୍ରହଣ କରିବା ପରେ ତଖତିପୁରସ୍ଥିତ ପାନ୍ଧଡ଼ାରେ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମାଧ୍ୟମିକ ଶିକ୍ଷା ଗ୍ରହଣ କରିଥିଲେ। ବାରିପଦା ଉଚ୍ଚ ଇଂରାଜୀ ବିଦ୍ୟାଳୟରୁ ୧୯୪୬ ମସିହାରେ ମେଟ୍ରିକ୍‌ରେ ଉତ୍ତୀର୍ଣ୍ଣ ହୋଇ ସାମନ୍ତ ଚନ୍ଦ୍ରଶେଖର ମହାବିଦ୍ୟାଳୟରୁ ୧୯୫୦ରେ ବି.ଏ ଅନର୍ସରେ ପାସ କରଥିଲେ। ପରେ ପରେ ୧୯୫୨ମସିହାରେ କଟକସ୍ଥିତ ମଧୁସୂଦନ ଆଇନ କଲେଜରୁ ଏଲ୍.ଏଲ୍.ବି ପଢ଼ା ଶେଷ କରିଥିଲେ। ସେହି ସମୟରେ ପୁରୀ କଲେଜ ଛାତ୍ର ୟୁନିୟନର ସମ୍ପାଦକ ଓ ଉପସଭାପତି ଦାୟିତ୍ୱ ତୁଲାଇ ଛାତ୍ର ରାଜନୀତିରେ ସକ୍ରିୟ ଅଂଶଗ୍ରହଣ କରିଥିଲେ। ଏହା ପୂର୍ବରୁ ମାଟ୍ରିକ ସମୟରୁ ମଧ୍ୟ ସେ ମୟୂରଭଞ୍ଜ ଛାତ୍ର କଂଗ୍ରେସର ସଭାପତି ନିର୍ବାଚିତ ହୋଇଥିଲେ। ୧୯୪୬ରୁ ୧୯୫୦ ପର୍ଯ୍ୟନ୍ତ ମୟୂରଭଞ୍ଜ ଜିଲ୍ଲା କଂଗ୍ରେସ କାର୍ଯ୍ୟକାରୀ କମିଟିର ସଭ୍ୟ ଭାବେ ଥିଲେ। ୧୯୫୪ରେ ଭାରତୀୟ ପ୍ରଶାସନିକ ସେବାରେ ସଫଳତାର ସହ କୃତକାର୍ଯ୍ୟ ହୋଇ ଦକ୍ଷିଣ-ପୂର୍ବ ରେଳବାଇରେ ଭାରତୀୟ ରେଳବାଇ ଟ୍ରାଫିକ୍ ସର୍ଭିସ୍‌ରେ ଯୋଗ ଦେଇଥିଲେ। ଏହାସହ ଓଡ଼ିଶା ସହ ଗଡ଼ଜାତ ଓ ମୟୂରଭଞ୍ଜ ମିଶ୍ରଣ ଆନ୍ଦୋଳନର ସେ କର୍ଣ୍ଣଧାର ସାଜିଥିଲେ।

## ଆରମ୍ଭ କରିଥିଲେ ଭୁବନେଶ୍ୱର ପୁସ୍ତକ ମେଳା

ସହରୀ ଲୋକଙ୍କ ପଠନସ୍ପୃହା ବୃଦ୍ଧି ଓ ଲୋକଙ୍କୁ ସାହିତ୍ୟମନସ୍କ କରାଇବା ପାଇଁ ୧୯୮୫ ମସିହାରେ ଭୁବନେଶ୍ୱରରେ ପ୍ରଥମେ 'ଭୁବନେଶ୍ୱର ପୁସ୍ତକ ମେଳା' ଆରମ୍ଭ ହୋଇଥିଲା। ଶ୍ରୀ ହୋତା ଏହାର ସଭାପତି ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀରେ ରହି ଲେଖକ, ପ୍ରଶାସକ ଓ ପାଠକଙ୍କ ଭିତରେ ତ୍ରିବେଣୀ ସଂଗମ ସୃଷ୍ଟି କରିବାରେ ସେ ସଫଳ ହୋଇପାରିଥିଲେ। ତାଙ୍କର ଆଗ୍ରହ ଓ ଉଦ୍ୟମକୁ ଚରିତାର୍ଥ କରିବା ପାଇଁ ସାହିତ୍ୟ ଓ ସଂସ୍କୃତିପ୍ରେମୀ ତାଙ୍କୁ ବେଶ୍ ଉତ୍ସାହିତ କରିଥିଲେ। ଏହାସହ ସେ ଜଣେ ଦୃଢ଼ ସଂଗଠକ ଥିଲେ। କଳା, ସାହିତ୍ୟ ଓ ସଂସ୍କୃତିକୁ ନେଇ ଅନୁଷ୍ଠାନ ଗଢ଼ିବା ତାଙ୍କ ଜୀବନର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିଲା। ଦୀର୍ଘ ବର୍ଷ ପର୍ଯ୍ୟନ୍ତ ସେ ଏକାଧିକ ଅନୁଷ୍ଠାନ ଗଢ଼ି ବେଶ୍ ସୁନାମ ଅର୍ଜନ କରିପାରିଥିଲେ। ଲେଖକ ସାମ୍ମୁଖ୍ୟ ଓଡ଼ିଶାର ବିଭିନ୍ନ ପର୍ଯ୍ୟାୟରେ ସଭାପତି ଭାବେ ସେ ୧୨ବର୍ଷ କାର୍ଯ୍ୟ କରିଥିଲେ। ଏହାସହ ଓଡ଼ିଶା ଲେଖକ ସମବାୟ ସମିତିର ସଭାପତି ଭାବେ ମଧ୍ୟ କାର୍ଯ୍ୟ କରୁଥିଲେ। ଏହି ଅନୁଷ୍ଠାନ ମାଧ୍ୟମରେ ଲେଖକଙ୍କୁ ଉତ୍ସାହିତ କରିବା ତାଙ୍କର ମୂଳ ଲକ୍ଷ୍ୟ ଥିଲା। ଏହାସହ ଶ୍ରୀଅରବିନ୍ଦ ସାଂସ୍କୃତିକ ପରିଷଦ, ଜଗନ୍ନାଥ ପାଣି ସ୍ମୃତି ସଂସଦ ଓ ଏକାଧିକ ଅନୁଷ୍ଠାନରେ ତାଙ୍କର ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ସମ୍ପୃକ୍ତି ରହିଥିଲା। ବାରିପଦାରେ ଘରୋଇ ଉଦ୍ୟମରେ ମେଡ଼ିକାଲ କଲେଜ ପ୍ରତିଷ୍ଠା କରିବାକୁ ସେ ଅହରହ ଉଦ୍ୟମ କରି ସଫଳ ହୋଇପାରିଥିଲେ। ଓଡ଼ିଶାର ବିଭିନ୍ନ ଦୈନିକ ଖବରକାଜଗରେ ଜଣେ ସ୍ୱନାମଧନ୍ୟ ସ୍ତମ୍ଭକାର ଭାବେ ସେ ଲେଖାଲେଖି ଜାରି ରଖିଥିଲେ।

## ଜୀବନର ମୂଳମନ୍ତ୍ର ଥିଲା ସମୟାନୁବର୍ତ୍ତିତା

ଜୀବନର ଶେଷାର୍ଦ୍ଧ ପର୍ଯ୍ୟନ୍ତ ସେ ପଢ଼ାପଢ଼ି ଓ ଲେଖାଲେଖିରେ ନିଜକୁ ମଗ୍ନ ରଖୁଥିଲେ। ମୁହୂର୍ତ୍ତିଏ ସମୟକୁ ବି ସେ ନଷ୍ଟ କରୁନଥିଲେ। ସୂର୍ଯ୍ୟୋଦୟ ପୂର୍ବରୁ ଭୋର୍‌ରୁ ଶଯ୍ୟାତ୍ୟାଗ କରୁଥିଲେ। ପ୍ରାତଃରୁ ରେଡିଓରେ ବନ୍ଦନା, ଅନୁଚିନ୍ତା ଓ ଭାଗବତ ଆଦି ଶୁଣୁଥିଲେ। ତା' ପରେ ନିଜର ନିତ୍ୟକର୍ମ ଶେଷ କରି ଦୈନିକ ୪ରୁ ୫ଟି ଖବରକାଗଜ ପଢୁଥିଲେ। ଏହାସହ ବିଭିନ୍ନ ପତ୍ରପତ୍ରିକା ପାଇଁ ଲେଖାଲେଖି ମଧ୍ୟ କରୁଥିଲେ। ଅନ୍ୟ ସମୟରେ ବହି ପଢ଼ିବା ଓ ସନ୍ଧ୍ୟାରେ ବିଭିନ୍ନ ସଭା ସମିତିରେ ଯୋଗ ଦେଉଥିଲେ। ସମୟାନୁବର୍ତ୍ତିତା ତାଙ୍କ ଜୀବନର ମୂଳମନ୍ତ୍ର ଥିଲା। ନିର୍ଦ୍ଧାରିତ ସମୟ ପୂର୍ବରୁ ସଭାରେ ପହଞ୍ଚି ଯାଉଥିଲେ। ସ୍ୱଳ୍ପ ଭାଷଣରେ ବକ୍ତାଙ୍କୁ ମୁଗ୍ଧ କରିବାର କଳାରେ ସେ ନିପୁଣ ଥିଲେ।

## ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି

ବିଶିଷ୍ଟ ସାହିତ୍ୟିକ ସାତକଡ଼ି ହୋତାଙ୍କ ବିୟୋଗରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଭାଗୀୟ ନିର୍ଦ୍ଦେଶକ ଦିଲୀପ ରାଉତରାଏ ସ୍ୱର୍ଗତ ହୋତାଙ୍କ ବାସଭବନ ଯାଇ ସେଠାରେ ତାଙ୍କ ଅନ୍ତିମ ଦର୍ଶନ କରିବା ସହ ଶବଧାରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ସେହିଭଳି ଏକାଡେମୀର ସଭାପତି ହୃଷୀକେଶ ମଲ୍ଲିକ ଓ ଏକାଡେମୀର ସଚିବ ତଥା ଯୁଗ୍ମ ନିର୍ଦ୍ଦେଶକ ସୁବୋଧ ଚନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ତାଙ୍କର ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି।

ସୂଚନାଯୋଗ୍ୟ, ସ୍ୱର୍ଗତ ହୋତା ୨୦୧୩ ରୁ ୨୦୧୬ ମସିହା ପର୍ଯ୍ୟନ୍ତ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ ସୂଚାରୁ ରୂପେ ସଫଳତାର ସହ କାମ କରିଛନ୍ତି। ସେ ଅନେକ କବିତା, ଉପନ୍ୟାସ, କ୍ଷୁଦ୍ରଗଳ୍ପ ଓ ପ୍ରବନ୍ଧ ରଚନା କରି ଓଡ଼ିଆ ବାଣୀ ଜଗତକୁ ସମୃଦ୍ଧ କରିବାରେ ତାଙ୍କ ଭୂମିକା ଅତୁଳନୀୟ।

## ବାଚସ୍ପତି ଓ ମନ୍ତ୍ରୀଙ୍କ ଶୋକ

ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର ଗଭୀର ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ସ୍ୱର୍ଗତ ହୋତା ଏକାଧାରରେ ଜଣେ ସୁସାହିତ୍ୟିକ, ସାମ୍ବାଦିକ, ବକ୍ତା ଓ ସଂଗଠକ ଭାବେ ସଦା ସ୍ମରଣୀୟ ହୋଇ ରହିବେ ବୋଲି ମନ୍ତ୍ରୀ ତାଙ୍କ ଶୋକବାର୍ତ୍ତାରେ ଉଲ୍ଲେଖ କରିବା ସହ ଶୋକସନ୍ତପ୍ତ ପରିବାର ପ୍ରତି ଗଭୀର ସମବେଦନା ଜ୍ଞାପନ କରିଛନ୍ତି। ବାଚସ୍ପତି ପ୍ରମିଳା ମଲ୍ଲିକ, ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ଏସ୍‌ଏସ୍‌ଇପିଡ଼ି ମନ୍ତ୍ରୀ ଅଶୋକ କୁମାର ପଣ୍ଡା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିବା ସହ ଅମର ଆତ୍ମାର ସଦଗତି କାମନା କରିଛନ୍ତି।

## ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଶୋକ

'ଓଡ଼ିଶା ଲେଖକ ସମବାୟ ସମିତି', 'ଓଡ଼ିଶା ଲେଖକ ସାମ୍ମୁଖ୍ୟ', 'ମୁକ୍ତ ଚିନ୍ତନ ମଞ୍ଚ', 'ସାରଳା ଦାସ ସ୍ମୃତି ସଂସଦ'ର ସଭାପତି ସାତକଡ଼ି ହୋତାଙ୍କର ପରଲୋକରେ ଅନୁଷ୍ଠାନ ପକ୍ଷରୁ ଶୋକବ୍ୟକ୍ତ କରାଯାଇଛି। ଏହାସହ ଅଶୋକ କୁମାର ମହାପାତ୍ର, ରମାକାନ୍ତ ମିଶ୍ର, ପୀତବାସ ରାଉତରାୟ, ପ୍ରଭାତ କୁମାର ନନ୍ଦ, ପ୍ରଦୀପ୍ତ କୁମାର ବିଶ୍ୱାଳ, ଇଂ ଅଶୋକ ଚନ୍ଦ୍ର ପଣ୍ଡା, ବିରଜା ପ୍ରସାଦ ଶତପଥୀ, ସୀତାବଲ୍ଲଭ ମହାପାତ୍ର ପ୍ରମୁଖ ଶୋକବ୍ୟକ୍ତ କରିବା ତାଙ୍କ ବାସଭବନରେ ପହଞ୍ଚି ମରଶରୀରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ଆଜି ପୁରୀରେ ଶେଷକୃତ୍ୟ

ପୁରୀ ସ୍ୱର୍ଗଦ୍ୱାରରେ ଆସନ୍ତାକାଲି ସକାଳ ୮ଟାରେ ତାଙ୍କର ରାଷ୍ଟ୍ରୀୟ ସମ୍ମାନ ସହ ଶେଷକୃତ୍ୟ ସମ୍ପନ୍ନ ହେବ। ଜ୍ୟେଷ୍ଠ ପୁତ୍ର ସଞ୍ଜୀବ ହୋତା ମୁଖାଗ୍ନି ଦେବେ ବୋଲି ପରିବାର ପକ୍ଷରୁ ସୂଚନା ଦିଆଯାଇଛି। ଆଜି ତାଙ୍କ ବଡ଼ ଝିଅଙ୍କ ଘରେ ବିୟୋଗ ପରେ ତାଙ୍କ ମରଶରୀରକୁ ବାସଭବନକୁ ଅଣାଯାଇଥିଲା। ସେଠାରେ ସାହିତ୍ୟପ୍ରେମୀ ଓ ବିଭିନ୍ନ ବ୍ୟକ୍ତିବିଶେଷ ତାଙ୍କର ଅନ୍ତିମ ଦର୍ଶନ କରିବା ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## କର୍ମଚାରୀଙ୍କ ସହ ପରିବାର ସଦସ୍ୟ ଭଳି ମିଶୁଥିଲେ

ସାତକଡ଼ି ହୋତା ଜଣେ ଅମାୟିକ ବ୍ୟକ୍ତିତ୍ୱ ଥିଲେ। ସବୁବେଳେ ଲୋକମାନଙ୍କ ସହ ସମୟ ଅତିବାହିତ କରିବାକୁ ଭଲ ପାଉଥିଲେ। ତାଙ୍କ ଜୀବନରେ ଘଟିଥିବା ଘଟଣାମାନକୁ ଉଦାହରଣ ଜରିଆରେ ସମସ୍ତଙ୍କୁ କହି ଜୀବନକୁ ସରସ ସୁନ୍ଦର କରି ଗଢ଼ି ତୋଳିବାକୁ ପରାମର୍ଶ ଦେଉଥିଲେ। ବିଭିନ୍ନ ସମୟରେ କୌଣସି ନିଷ୍ପତ୍ତି ନେବା ସମୟରେ ଭିନ୍ନମତକୁ ସ୍ୱାଗତ କରୁଥିଲେ। ତାଙ୍କ ସହ କାମ କରୁଥିବା କର୍ମଚାରୀମାନଙ୍କ ସହ ନିଜ ପରିବାର ତଥା ଆତ୍ମୀୟସ୍ୱଜନ ଭଳି ମିଶୁଥିଲେ। ସେ ଥିଲେ ଅଜାତଶତ୍ରୁ। କାହା ଉପରେ କେବେ କ୍ରୋଧାନ୍ୱିତ ହେଉନଥିଲେ। ଭୁଲ୍ ହେଲେ ବୁଝାଇ ଭ୍ରମ ସଂଶୋଧନ କରିବାକୁ ଚେଷ୍ଟା କରୁଥିଲେ। ବହି ବାଣ୍ଟିବା ତାଙ୍କର ଏକ ସଉକ ଥିଲା।

## ମନେ ରହିବ ରେଳବାଇକୁ ଅବଦାନ

ସାତକଡ଼ି ହୋତା କେବଳ ଜଣେ ସାହିତ୍ୟିକ ନଥିଲେ, ରେଳ ବିଭାଗରେ ଜଣେ ପ୍ରଶାସକ ଭାବେ ନିଜର ଅଲିଭା ଛାପ ଛାଡ଼ି ଯାଇଛନ୍ତି। ଭାରତୀୟ ରେଳବାଇ ଟ୍ରାଫିକ୍ ସେବା (ଆଇଆରଟିଏସ୍) ଅଧିକାରୀ ଶ୍ରୀ ହୋତା ଖୋର୍ଦ୍ଧା ରୋଡ୍ ରେଳ ଡିଭିଜନ୍‌ରେ ଅଧୀକ୍ଷକ (ଡିଆରଏମ୍) ଭାବେ ନିଯୁକ୍ତି ପାଇଥିଲେ। ସେହିପରି ରାଜ୍ୟ ସଚିବାଳୟରେ କମିସନର, ରେଲ୍ କୋଅର୍ଡିନେସନ୍ ଭାବେ ବେଶ୍ ଦକ୍ଷତାର ସହ ଦାୟିତ୍ୱ ନିର୍ବାହ କରିଥିଲେ। ଭାରତୀୟ ରେଳବାଇ ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରି ଶ୍ରୀ ହୋତା ବହୁ ଗୁରୁତ୍ୱପୂର୍ଣ୍ଣ ରେଳ ପ୍ରକଳ୍ପଗୁଡ଼ିକ ତ୍ୱରାନ୍ୱିତ କରିପାରିଥିଲେ। ଏହାପରେ ଦକ୍ଷିଣ-ପୂର୍ବ ରେଳପଥରେ ଅତିରିକ୍ତ ମହାପ୍ରବନ୍ଧକ ଭାବେ ନିଯୁକ୍ତି ପାଇଥିଲେ। ପ୍ରଥମ ଓଡ଼ିଆ ଭାବେ ଭାରତୀୟ ରେଳବାଇରେ ସେ ଏତେ ବଡ଼ ପଦବୀକୁ ଯାଇଥିଲେ। କୋଲକାତାରେ କାର୍ଯ୍ୟରତ ଥିବା ସମୟରେ ସେଠାରେ ରହୁଥିବା ଓଡ଼ିଆ ଲୋକଙ୍କ କଲ୍ୟାଣ ଦିଗରେ ତାଙ୍କର ଅତୁଳନୀୟ ଭୂମିକା ରହିଥିଲା।

## ଓଡ଼ିଆ ସାହିତ୍ୟ ଆକାଶର ଉଜ୍ଜ୍ୱଳ ନକ୍ଷତ୍ର: ଗାୟତ୍ରୀବାଳା



ଓଡ଼ିଆ ସାହିତ୍ୟ ଏକାଡେମୀର ପୂର୍ବତନ ସଭାପତି, ପ୍ରଥିତଯଶା ସାହିତ୍ୟିକ ଓ 'ସମୟ'ର ସମ୍ପାଦକ ଡ. ସାତକଡ଼ି ହୋତାଙ୍କ ପରଲୋକରେ ଗଭୀର ଶୋକବ୍ୟକ୍ତ କରିଛନ୍ତି କବୟିତ୍ରୀ ଡଃ ଗାୟତ୍ରୀବାଳା ପଣ୍ଡା। ତାଙ୍କର ପରଲୋକରେ ଓଡ଼ିଆ ସାହିତ୍ୟ ଆକାଶର ଏକ ଉଜ୍ଜ୍ୱଳ ନକ୍ଷତ୍ର ଚିରଦିନ ଅସ୍ତମିତ ହୋଇଛି ସତ, ମାତ୍ର ତାଙ୍କର କୃତି ଓ ସୃଷ୍ଟି ତାଙ୍କୁ ଚିରଦିନ ଅମର କରି ରଖିବ ବୋଲି ଗାୟତ୍ରୀବାଳା କହିଛନ୍ତି।

## 'ଓଡ଼ିଶା ଜଣେ ସୁଯୋଗ୍ୟ ସନ୍ତାନଙ୍କୁ ହରାଇଲା'

କର୍ମମୟ ଜୀବନର ଶେଷ ପର୍ଯ୍ୟନ୍ତ ସାତକଡ଼ି ବାବୁ ସାହିତ୍ୟ ସାଧନା ଓ ସ୍ତମ୍ଭ ରଚନା କରିବା ସହ ବିଭିନ୍ନ ଜାତୀୟ ଓ ରାଜ୍ୟସ୍ତରୀୟ ସଭା ସମ୍ମିଳନୀରେ ଯୋଗଦେଇ ମାର୍ଗଦର୍ଶନ କରିଆସୁଥିଲେ। ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ଭାବେ ସେ ଓଡ଼ିଆ ଭାଷାର ଶାସ୍ତ୍ରୀୟ ମାନ୍ୟତା ପାଇଁ ସଫଳ ନେତୃତ୍ୱ ନେଇଥିଲେ। ଭାରତୀୟ ରେଳବାଇର ଜଣେ ବହୁତ ବରିଷ୍ଠ ପ୍ରଥମ ଓଡ଼ିଆ ଅଧିକାରୀ ଭାବେ ସେ ଓଡ଼ିଶାରେ ବହୁ ନୂତନ ରେଳ ପ୍ରକଳ୍ପ ପାଇଁ ପ୍ରଶଂସନୀୟ ପଦକ୍ଷେପ ନେଇଥିଲେ। ତାଙ୍କର ବହୁମୁଖୀ ପ୍ରତିଭା ପାଇଁ ଜାତୀୟ ତଥା ରାଜ୍ୟସ୍ତରରେ ସେ ବହୁ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ଓଡ଼ିଶା ମାଟି ଆଜି ତାଙ୍କ ଭଳି ଜଣେ ସୁଯୋଗ୍ୟ ସନ୍ତାନ ହରାଇଛି। ବର୍ଷୀୟାନ୍ ସାହିତ୍ୟିକ ସାତକଡ଼ି ହୋତାଙ୍କ ବିୟୋଗରେ ଦୈନିକ 'ସକାଳ'ର ସଂପାଦକ ଉମାକାନ୍ତ ମିଶ୍ର ଶୋକବ୍ୟକ୍ତ କରି ଏହା କହିଛନ୍ତି। ଏହାସହ 'ସକାଳ' ପରିବାର ପକ୍ଷରୁ ତାଙ୍କ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିବା ସହ ସ୍ୱର୍ଗତ ଆତ୍ମାର ସଦ୍‌ଗତି ନିମନ୍ତେ ଶ୍ରୀ ମିଶ୍ର ପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି।

# ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ ସମ୍ବର୍ଦ୍ଧିତ କରିଥିଲା 'ସକାଳ'



ଦୈନିକ 'ସକାଳ'ର ପ୍ରଥମ ସ୍ୱନକ୍ଷତ୍ର ଅବସରରେ ବିଶିଷ୍ଟ ସାହିତ୍ୟକ ସାତକଡ଼ି ହୋତାଙ୍କୁ ଜୀବନବ୍ୟାପୀ ସାହିତ୍ୟ ସାଧନା ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ୨୦୨୧ ଡିସେମ୍ବର ୨ ତାରିଖରେ ହୋଟେଲ ମେ' ଫେୟାରରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସାତକଡ଼ି ହୋତାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ଶ୍ରୀଯୁକ୍ତ ହୋତା ନିଜର ସାହିତ୍ୟ ପ୍ରତି ଥିବା ଭଲ ପାଇବା ଓ ସମ୍ମାନ ସମ୍ପର୍କରେ ସମ୍ୟକ ଧାରଣା ଦେବା ସହ 'ସକାଳ'ର ଭୂମିକାକୁ ମଧ୍ୟ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଗଣତାନ୍ତ୍ରିକ ଦେଶରେ ସାହିତ୍ୟର ଭୂମିକା ଅତି ଉଚ୍ଚରେ। ସାହିତ୍ୟ ସବୁବେଳେ ସତ କଥା କହେ। ସମ୍ବିଧାନରେ ପ୍ରତ୍ୟେକ ବ୍ୟକ୍ତିର ସତ କହିବାର ଅଧିକାର ରହିବା ଭଳି କହିବା ଓ ପ୍ରତିବାଦ କରିବାର ମଧ୍ୟ ଅଧିକାର ରହିଛି। ଯେଉଁଠି ପ୍ରତିବାଦ କରିବ, ସେଠାରେ ଜନତାଙ୍କୁ ସେହି ବିଷୟରେ ଅଭିହିତ କରିପାରିବାର ସମ୍ପୂର୍ଣ୍ଣ ଅଧିକାର ରହିଛି। 'ସକାଳ' ଏହି ଭୂମିକାରେ ଅନେକ କଥା କହିଛି ବୋଲି ସେ କହିଥିଲେ।

ସେ ଆହୁରି କହିଥିଲେ ଯେ ମାତୃଭୂମି, ମାତୃଭାଷାଠାରୁ ବଳି ମଣିଷର ଆଉ କୌଣସି ବଡ଼ ଧନ ହୋଇନପାରେ। ଦୀର୍ଘ ୨୫ବର୍ଷ ଧରି ସମ୍ପାଦକ ଭାବେ କାର୍ଯ୍ୟନିର୍ବାହ କରୁଥିଲେ ବି ଓଡ଼ିଶା ପ୍ରତି ନିଜର ଅବଦାନକୁ ଅଭିବ୍ୟକ୍ତି କରିବା ହିଁ ଲକ୍ଷ୍ୟ ବୋଲି ସେ କହିଥିଲେ। ୨୦-୨୫ ବର୍ଷ ମଧ୍ୟରେ ଓଡ଼ିଶାରେ ଯାହା ହୋଇପାରିନଥିଲା, ଗତ ୧୦ବର୍ଷ ମଧ୍ୟରେ ତାହା ସମ୍ଭବ ହୋଇପାରିଛି। ଗାଁ ଗହଳିଠାରୁ ଆରମ୍ଭ କରି ଅନୁନ୍ନତ ଅଞ୍ଚଳରେ ଯେଉଁଠି କେହି ପହଞ୍ଚି ପାରୁନଥିଲେ, ଏବେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ପହଞ୍ଚି ଯାଉଛନ୍ତି। ଏହାସହ ସଚିବ, ସାହିତ୍ୟିକ, ଲେଖକ ଓ ବହୁ ପ୍ରତିଭାବାନ୍ ବ୍ୟକ୍ତିମାନେ ହାଜର୍ ହେଉଛନ୍ତି। ଲୋକସେବା ହିଁ ଈଶ୍ୱର ସେବାକୁ ପାଥେୟ କରି ଉନ୍ନତି ପଥରେ ଆଗେଇ ଚାଲିଛନ୍ତି ବୋଲି ଉଲ୍ଲେଖ କରି ସେ 'ସକାଳ'ର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଓଡ଼ିଶା କିଭଳି ପଛରେ ପଡ଼ି ନଯାଉ, ସେଥିପ୍ରତି ସମସ୍ତେ ଦୃଷ୍ଟି ଦେବା ଉଚିତ। ସବୁବେଳେ ଆଗକୁ ବଢ଼ିବାର ଲକ୍ଷ୍ୟ ରଖିବା ପାଇଁ ଶ୍ରୀ ହୋତା ଉଦ୍‌ବୋଧନ ଦେଇଥିଲେ। ଜୀବନର ଶେଷ ପର୍ଯ୍ୟନ୍ତ ତାଙ୍କର ଏହି ଚେଷ୍ଟା ଅବ୍ୟାହତ ରହିବ ବୋଲି ଶ୍ରୀ ହୋତା କହିଥିଲେ।

■ ବଡ଼ ମେଡିକାଲରେ ଜଟିଳ ଅସ୍ତ୍ରୋପଚାର

## ଯୁବକଙ୍କ ହୃତ୍‌ପିଣ୍ଡରୁ ବାହାରିଲା ୪.୫ ଇଞ୍ଚର ଛୁଞ୍ଚି



**କଟକ, ୧୧।୨ (ସମିସ):** ଏସ୍‌ସିବି ମେଡିକାଲର କାର୍ଡିଓ ଥୋରାସିସ୍ ଆଣ୍ଡ ଭାସ୍କୁଲାର ସର୍ଜରୀ(ସିଟିଭିଏସ୍) ବିଭାଗରେ ରବିବାର ଏକ ଜଟିଳ ଅସ୍ତ୍ରୋପଚାର ସଫଳ ହୋଇଛି। ରବିବାର ଛୁଟି ଦିନ ଥିଲା। ମାତ୍ର ରୋଗୀର ଜଟିଳ ସ୍ୱାସ୍ଥ୍ୟାବସ୍ଥାକୁ ଦୃଷ୍ଟିରେ ରଖି ଏକ ସ୍ୱତନ୍ତ୍ର ଡାକ୍ତରୀ ଦଳ ଗଠନ କରାଯାଇ ଅସ୍ତ୍ରୋପଚାର କରାଯାଇଥିଲା। ଏଥିରେ ଯୁବକଙ୍କ ହୃତ୍‌ପିଣ୍ଡକୁ ପ୍ରବେଶ କରିଥିବା ଏକ ୪.୫ଇଞ୍ଚର ଛୁଞ୍ଚି କଢ଼ାଯାଇଥିଲା। ସିଟିଭିଏସ୍ ବିଭାଗୀୟ ମୁଖ୍ୟ ପ୍ରଫେସର୍ ଡାକ୍ତର ମନୋଜ ପଟ୍ଟନାୟକଙ୍କ ନେତୃତ୍ୱରେ ଏହି ଅସ୍ତ୍ରୋପଚାର ହୋଇଥିଲା। ସମ୍ପୃକ୍ତ ଯୁବକଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ମେଡିକାଲ ପକ୍ଷରୁ ସୂଚନା ଦିଆଯାଇଛି।

ମିଳିଥିବା ସୂଚନା ମୁତାବକ, ଭୁବନେଶ୍ୱରର ଭିଏସ୍‌ଏସ୍ ନଗର ଅଞ୍ଚଳର ୩୧ ବର୍ଷୀୟ ଯୁବକ ନିବାସ ଶର୍ମା ଶୋଇଥିବା ବେଳେ ତାଙ୍କ ଛାତିରେ ଏକ ଛୁଞ୍ଚି ଭୁସି ହୋଇଯାଇଥିଲା। ଯନ୍ତ୍ରଣା ଅନୁଭବ କରିଥିବା ନିବାସଙ୍କୁ ପରିବାରଲୋକ ପ୍ରଥମେ କ୍ୟାପିଟାଲ ହସ୍ପିଟାଲ ନେଇଥିଲେ। ମାତ୍ର ସେଠାରେ ଅସ୍ତ୍ରୋପଚାର ହୋଇପାରିବ ନାହିଁ ବୋଲି ନିବାସଙ୍କ ପରିବାରଲୋକଙ୍କୁ କୁହାଯାଇଥିଲା। ଏଣୁ ଶନିବାର ତାଙ୍କୁ କଟକ ବଡ଼ ମେଡିକାଲ ଅଣାଯାଇଥିଲା। ଏଠାକୁ ଆସିବା ପରେ ବିଭିନ୍ନ ପରୀକ୍ଷାନିରୀକ୍ଷା କରାଯାଇଥିଲା। ରବିବାର ଅସ୍ତ୍ରୋପଚାର ନିମନ୍ତେ ଦିନ ଧାର୍ଯ୍ୟ ହେବା ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଗଠନ ହୋଇଥିଲା। ଡାକ୍ତରୀ ଦଳ ଅସ୍ତ୍ରୋପଚାର ମାଧ୍ୟମରେ ହୃତ୍‌ପିଣ୍ଡର ବାମ ଭାଗରେ ରହିଥିବା ଛୁଞ୍ଚିକୁ କାଢ଼ିଥିଲେ।



**ମୁଦ୍ରା ବିନିମୟ ମୂଲ୍ୟ**

ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୦୩ • ପାଉଣ୍ଡ ୧୦୪.୮୪
- ୟୁରୋ ୮୯.୫୧ • ୟେନ୍ ୦.୫୫

**ସୁନାରୁପା ଦର**

୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୫୭,୭୦୦ (ନୂଆଦିଲ୍ଲୀ)
- ରୁପା : ୭୬,୫୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୧,୫୯୫.୦୦
- ନିଫ୍ଟି ୨୧,୭୮୨.୦୦

**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୩.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୪.୮୬

### ଏଲ୍ଆଇସି, ଏସ୍‌ବିଆଇକୁ ସର୍ବାଧିକ ଲାଭ

# ୪ ପ୍ରମୁଖ କମ୍ପାନୀର ବଜାର ପୁଞ୍ଜିରେ ୨.୧୮ ଲକ୍ଷ କୋଟି ବୃଦ୍ଧି

ମୁମ୍ବାଇ,୧୧।୨(ଏଜେନ୍ସି)




ଗତ ସପ୍ତାହରେ ଷ୍ଟକ୍ କାରବାର ହ୍ରାସ ପାଇବା ସହିତ ପ୍ରମୁଖ ସୂଚକାଙ୍କ ବିଏସଇ ସେନସେକ୍ସରେ ୪୯୦ ପଏଣ୍ଟ ହ୍ରାସ ପରିଲକ୍ଷିତ ହୋଇଥିଲା। ଏହାସତ୍ତ୍ୱେ ବିଏସଇ ତାଲିକାଭୁକ୍ତ ୧୦ ପ୍ରମୁଖ କମ୍ପାନୀଙ୍କ ମଧ୍ୟରୁ ୪ କମ୍ପାନୀର ବଜାର ପୁଞ୍ଜି(ଏମ-କ୍ୟାପ୍)ରେ ସର୍ବାଧିକ ବୃଦ୍ଧି ଘଟିଛି।ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍,ଟିସିଏସ୍,ଭାରତୀୟ ଜୀବନ ବୀମା ନିଗମ ଏବଂ ଭାରତୀୟ ଷ୍ଟେଟ ବ୍ୟାଙ୍କ ଆଦି ୪ କମ୍ପାନୀର ବଜାର ପୁଞ୍ଜିରେ ୨ ଲକ୍ଷ ୧୮ ହଜାର ୫୯୮ କୋଟି ଟଙ୍କା ବୃଦ୍ଧି ଘଟିଥିବା କୁହାଯାଇଛି। ମିଳିଥିବା ସୂଚନା ଅନୁସାରେ ଜୀବନ ବୀମା ନିଗମର ବଜାର ପୁଞ୍ଜିରେ ୮୬,୧୪୬ କୋଟି ଟଙ୍କା ବୃଦ୍ଧି ଘଟି ଏହାର ମୋଟ ପରିମାଣ ୬ ଲକ୍ଷ ୮୩ ହଜାର ୬୩୭ କୋଟି ଟଙ୍କାରେ ପହଞ୍ଚିଛି। ଗତ ସୋମବାର ଏଲଆଇସି ଶେୟାର ମୂଲ୍ୟରେ ୬ ପ୍ରତିଶତ ବୃଦ୍ଧି ଘଟିବା ସହିତ ପ୍ରଥମଥର ପାଇଁ ପ୍ରତି ଶେୟାର ମୂଲ୍ୟ ୧୦୦୦ ଟଙ୍କାରେ ପହଞ୍ଚିଥିଲା। ସେହିପରି ଏସବିଆଇ ବଜାର ପୁଞ୍ଜିରେ ୬୫,୯୦୮ କୋଟି ଟଙ୍କା ବୃଦ୍ଧି ଘଟି ଏହାର ମୋଟ ବଜାର ପୁଞ୍ଜି ପରିମାଣ ୬,୪୬,୩୬୫ କୋଟି ଟଙ୍କା, ଟିସିଏସ୍‌ର ୬୧,୪୩୫ କୋଟି ଟଙ୍କା ବୃଦ୍ଧିରେ ଏହାର ମୋଟ ପରିମାଣ ୧୫,୧୨,୭୪୩ କୋଟି ଟଙ୍କା,ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌ର ୫,୧୦୮ କୋଟି ଟଙ୍କା ବୃଦ୍ଧିରେ ଏହାର ମୋଟ ବଜାର ପୁଞ୍ଜି ପରିମାଣ ୧୯,୭୭,୧୩୬ କୋଟି ଟଙ୍କାରେ ପହଞ୍ଚିଛି। ତେବେ ଅନ୍ୟପକ୍ଷରେ ଏଚଡିଏଫସି ବ୍ୟାଙ୍କ,ଆଇସିଆଇସିଆଇ ବ୍ୟାଙ୍କ,ଇନଫୋସିସ୍, ଭାରତୀ ଏୟାରଟେଲ,ହିନ୍ଦୁସ୍ତାନ ଲିଭର ଏବଂ ଆଇଟିସି ଆଦି କମ୍ପାନୀଙ୍କ ବଜାର ପୁଞ୍ଜିରେ ହ୍ରାସ ଘଟିଛି। ଏଚଡିଏଫସି ବ୍ୟାଙ୍କର ୩୨,୯୬୩ କୋଟି ଟଙ୍କା ହ୍ରାସରେ ଏହାର ମୋଟ ବଜାର ପୁଞ୍ଜି ପରିମାଣ ୧୦,୮୫,୮୦୮ କୋଟି ଟଙ୍କାକୁ ଖସି ଆସିଥିଲା ବେଳେ ଆଇସିଆଇସିଆଇ ବ୍ୟାଙ୍କର ୯୭୭୯ କୋଟି ଟଙ୍କା ହ୍ରାସ ପାଇଛି। ସେହିପରି ଆଇଟିସିର ୩୦,୬୯୮ କୋଟି,ଭାରତୀ ଏୟାରଟେଲର ୧୬,୧୩୨ କୋଟି ଟଙ୍କା ହ୍ରାସ ପାଇଥିବା କୁହାଯାଇଛି।

### ୧୮.୩୮ ଲକ୍ଷ କୋଟିର ପ୍ରତ୍ୟକ୍ଷ କର ସଂଗ୍ରହ

# ପୂର୍ବ ବର୍ଷ ତୁଳନାରେ ୨.୭୧ ଲକ୍ଷ କୋଟି ଅଧିକ

ନୂଆଦିଲ୍ଲୀ, ୧୧।୨ (ଏଜେନ୍ସି)

ଚଳିତ ଆର୍ଥିକ ବର୍ଷ (୨୦୨୩-୨୪)ରେ ୧୮.୩୮ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ କର ଆଦାୟ କରାଯାଇଛି। ଗତ ୧୦ ତାରିଖ ସୁଦ୍ଧା ଏହି ଅର୍ଥ ସଂଗ୍ରହ ହୋଇଛି। ପୂର୍ବ ଆର୍ଥିକ ବର୍ଷ ତୁଳନାରେ ଏହା ୨.୭୧ ଲକ୍ଷ କୋଟି ଅଧିକ ବୋଲି କେନ୍ଦ୍ରୀୟ ପ୍ରତ୍ୟକ୍ଷ ଟିକସ ବୋର୍ଡ (ସିବିଡିଟି) ପକ୍ଷରୁ କୁହାଯାଇଛି। ବର୍ଷେ ତଳେ ଅର୍ଥାତ୍ ୨୦୨୩ ଫେବୃଆରୀ ସୁଦ୍ଧା ୧୫.୬୭ ଲକ୍ଷ କୋଟି ଟଙ୍କାର ପ୍ରତ୍ୟକ୍ଷ କର ସଂଗ୍ରହ କରାଯାଇଥିଲା। ସେହିପରି ଚଳିତ ଆର୍ଥିକ ବର୍ଷରେ ସଂଗୃହୀତ ଟିକସ ପରିମାଣ ସରକାର ଧାର୍ଯ୍ୟ କରିଥିବା ଲକ୍ଷ୍ୟର ୮୦.୨୩ ପ୍ରତିଶତ ରହିଛି। ବଜେଟ ଆଗତ କରିବା ସମୟରେ ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଟିକସ ସଂଗ୍ରହ ଲକ୍ଷ୍ୟକୁ ବୃଦ୍ଧି କରିଦେଇଥିଲେ। ସେ ୨୦୨୩-୨୪ ବର୍ଷ ପାଇଁ ପ୍ରତ୍ୟକ୍ଷ ଟିକସ ଆଦାୟ ଲକ୍ଷ୍ୟକୁ ୧୮.୨୩ ଲକ୍ଷ କୋଟିରୁ ବଢ଼ାଇ ୧୯.୪୫ ଲକ୍ଷ କୋଟି କରିଦେଇଥିଲେ। ରିଫଣ୍ଡ (ଫେରସ୍ତ)କୁ ଛାଡ଼ି ନେଟ୍ ସଂଗ୍ରହ ପୂର୍ବ ଅବଧି ତୁଳନାରେ ୨୦.୨୫ ପ୍ରତିଶତ ବୃଦ୍ଧି ପାଇଛି। ଏହା ୧୫.୬୦ ଲକ୍ଷ କୋଟି ଟଙ୍କା ରହିଛି। ସରକାର ଏପ୍ରିଲ ୧ରୁ ଫେବୃଆରୀ ୧୦ ମଧ୍ୟରେ ୨.୭୭ ଲକ୍ଷ କୋଟି ଟଙ୍କାର ଟିକସ ରିଫଣ୍ଡ ଜାରି କରିଥିଲେ। ଗତ ମାସରେ ଅର୍ଥାତ୍ ଜାନୁଆରୀ ୧୧ ତାରିଖ ସୁଦ୍ଧା ସରକାର ୧୪.୭୦ ଲକ୍ଷ କୋଟି ଟଙ୍କାର ନେଟ୍ ପ୍ରତ୍ୟକ୍ଷ କର ଆଦାୟ କରିଥିଲେ।

**୨.୭୭ ଲକ୍ଷ କୋଟିର ରିଫଣ୍ଡ ଜାରି**

ରିପୋର୍ଟ ଅନୁଯାୟୀ ରିଫଣ୍ଡ ଜାରି ପରେ ବାର୍ଷିକ ଆଧାରରେ ନେଟ୍ କର୍ପୋରେଟ ଇନ୍‌କମ ଟ୍ୟାକ୍ସ (ସିଆଇଟି) ୧୩.୫୭ ପ୍ରତିଶତ ବୃଦ୍ଧି ପାଇଛି। ନେଟ୍ ପର୍ସନାଲ ଇନକମ୍ ଟ୍ୟାକ୍ସ (ପିଆଇଟି) ମଧ୍ୟ ଅଧିକ ୨୬.୯୧ ପ୍ରତିଶତ ସଂଗ୍ରହ କରାଯାଇଛି। ସୂଚନାଯୋଗ୍ୟ ଯେ ସିଧାସଳଖ ସାଧାରଣ ନାଗରିକଙ୍କଠାରୁ ଆଦାୟ କରାଯାଉଥିବା ଟିକସକୁ ପ୍ରତ୍ୟକ୍ଷ କର କୁହାଯାଏ। ଏଥିରେ କର୍ପୋରେଟ ଏବଂ ବ୍ୟକ୍ତିଗତ ଆୟ କର ସାମିଲ ଥାଏ। ଶେୟାର କିମ୍ବା ଅନ୍ୟ ସମ୍ପତ୍ତିରେ ଲାଗୁଥିବା ଟିକସ ମଧ୍ୟ ପ୍ରତ୍ୟକ୍ଷ ଟିକଶ ଶ୍ରେଣୀଭୁକ୍ତ। ସେହିପରି ସିଧାସଳଖ ସାଧାରଣ ଜନତାଙ୍କଠାରୁ ଆଦାୟ ନ ହୋଇ ଅନ୍ୟ ମାଧ୍ୟମରେ ଲୋକଙ୍କଠାରୁ ନିଆ ଯାଉଥିବା ଟିକସକୁ ପରୋକ୍ଷ କର କୁହାଯାଇଥାଏ। ଏଥିରେ ଅବକାରୀ, ସୀମା ଶୁଳ୍କ ଏବଂ ଜିଏସ୍‌ଟି ସାମିଲ ରହିଛି।

## ଗହମ ମହଜୁଦ ସୀମା ଲାଗୁକଲେ କେନ୍ଦ୍ର ସରକାର



**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):** କେନ୍ଦ୍ର ଖାଉଟି ବ୍ୟାପାର ଓ ସାଧାରଣ ବଣ୍ଟନ ମନ୍ତ୍ରାଳୟ ପକ୍ଷରୁ ରବିବାର ଗହମର ମହଜୁଦ ରଖିବା ସୀମା(ଷ୍ଟକ ଲିମିଟ )ନିର୍ଦ୍ଧାରଣ କରାଯାଇଛି। ଏକ ଅଧିସୂଚନା ଜାରି କରାଯାଇ ବ୍ୟବସାୟୀଙ୍କ ଲାଗି ଗହମ ମହଜୁଦ କରିବା ସୀମା ସମ୍ପର୍କରେ ସୂଚନା ଦିଆଯାଇଛି। ବ୍ୟବସାୟୀ କିମ୍ବା ପାଇକାରୀ ବିକ୍ରେତାଙ୍କ ନିମନ୍ତେ ଏହି ଷ୍ଟକ୍ ସୀମା ୫୦୦ ମେଟ୍ରିକ ଟନ ନିର୍ଦ୍ଧାରିତ ହୋଇଥିବା ବେଳେ ଖୁଚୁରା ବିକ୍ରେତାଙ୍କ ନିମନ୍ତେ ୫ ମେଟ୍ରିକ ଟନ ,ବଡ ରିଟେଲ ଶୃଙ୍ଖଳ (ପ୍ରତ୍ୟେକ ଆଉଟଲେଟ୍)ଙ୍କ ପାଇଁ ୫ ମେଟ୍ରିକ ଟନ ଏବଂ ସବୁ ଡିପୋରେ ୫୦୦ ମେଟ୍ରିକ ଟନ ଷ୍ଟକ ରଖାଯାଇପାରିବ ବୋଲି ସୀମା ନିର୍ଦ୍ଧାରିତ ହୋଇଛି।ସେହିପରି ମିଲ ମାଲିକମାନେ ମାସିକ ପେସାଉଥିବା ଗହମର ୬୦ ପ୍ରତିଶତ ଷ୍ଟକ ରଖିପାରିବେ ବୋଲି କୁହାଯାଇଛି। ଏହି ଷ୍ଟକ୍ ସୀମା ୩୧ ମାର୍ଚ୍ଚ ୨୦୨୪ ପର୍ଯ୍ୟନ୍ତ ଲାଗୁ କରାଯାଇଛି। ତେବେ ଗହମ ମହଜୁଦ ସୀମା ନିର୍ଦ୍ଧାରଣ କରାଯିବା ପରେ ଖାଉଟି ବଜାରରେ ଅଟା ଦରରେ ବୃଦ୍ଧି ଘଟିବା ନେଇ ଆଶଙ୍କା କରାଯାଉଛି। କାରଣ ଷ୍ଟକ୍ ସୀମା ନିର୍ଦ୍ଧାରଣ ଯୋଗୁଁ ବଜାରରେ ଆବଶ୍ୟକତା ଅନୁସାରେ ଅଟା ଉପଲବ୍ଧତା ହ୍ରାସ ହେବ। ବର୍ତ୍ତମାନ ଷ୍ଟକ୍ ସୀମା ନିର୍ଦ୍ଧାରଣ କରାଯିବାର ଉଚିତ ସମୟ ନୁହେଁ ବୋଲି ବ୍ୟବସାୟୀ ସଂଘ ପକ୍ଷରୁ କୁହାଯାଇଛି।

## ଆଜି ଶ୍ରୀଲଙ୍କା,ମରିସସ୍‌ରେ ୟୁପିଆଇ ସେବାର ଶୁଭାରମ୍ଭ




**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):** ଭାରତ ବହୁ ଚାହିଦାପୂର୍ଣ୍ଣ ଡିଜିଟାଲ କାରବାର 'ୟୁନିଫାଏଡ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ସେବା ଆସନ୍ତାକାଲି ଶ୍ରୀଲଙ୍କା ଏବଂ ମରିସସ୍ ଭଳି ଦୁଇ ଦ୍ୱୀପାଞ୍ଚଳ ରାଷ୍ଟ୍ରରେ ଆରମ୍ଭ ହେବାକୁ ଯାଉଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଭାସୀ ମାଧ୍ୟମରେ ଏହି ଦୁଇ ଦେଶର ରାଷ୍ଟ୍ରମୁଖ୍ୟଙ୍କ ଉପସ୍ଥିତିରେ ଏହି ସେବାର ଶୁଭାରମ୍ଭ କରିବେ। ୟୁପିଆଇ ସେବା ବ୍ୟତୀତ ମରିସସ୍‌ରେ ମୋଦୀ ରୁପେ କାର୍ଡ ସେବା ମଧ୍ୟ ଆରମ୍ଭ କରିବେ। ଏହି ସମୟରେ ମରିସସ୍ ପ୍ରଧାନମନ୍ତ୍ରୀ ପ୍ରବୀନ୍ଦ ଜଗନ୍ନାଥ ଏବଂ ଅନ୍ୟାନ୍ୟ ପ୍ରମୁଖ ଅଧିକାରୀ ଉପସ୍ଥିତ ରହିବେ। ଭାରତର ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଦ୍ୱାରା ପରିଚାଳିତ ୟୁପିଆଇ ବ୍ୟବସ୍ଥା ଏକ ରିଅଲ ଟାଇମ୍ ପେମେଣ୍ଟ ବ୍ୟବସ୍ଥା ଭାବେ ମୋବାଇଲ ଫୋନ ମାଧ୍ୟମରେ ଅର୍ଥ କାରବାରକୁ ପ୍ରୋତ୍ସାହିତ କରିଥାଏ। ସେହିପରି ରୁପେ କାର୍ଡ ବୈଶ୍ୱିକ ସ୍ତରରେ ଏଟିଏମ, ବ୍ୟାବସାୟିକ ପ୍ରତିଷ୍ଠାନ ଏବଂ ଅନଲାଇନ କାରବାର ପାଇଁ ଗ୍ରାହକମାନଙ୍କୁ ସୁବିଧା ଯୋଗାଇଥାଏ। ଭାରତ ସହଯୋଗରେ ଏଭଳି ଦୁଇ ବ୍ୟବସ୍ଥା ଆରମ୍ଭ କରାଯାଉଥିବାରୁ ଭାରତ ସହ ଶ୍ରୀଲଙ୍କା ଏବଂ ମରିସସ୍‌ର ଦ୍ୱିପାକ୍ଷିକ ସମ୍ପର୍କ ଆହୁରି ସୁଦୃଢ଼ ହେବ ବୋଲି କୁହାଯାଉଛି।

## କାର୍ ଦୁର୍ଘଟଣାଜନିତ ମୃତ୍ୟୁ ପାଇଁ ସର୍ବାଧିକ ୨.୪୫ କୋଟିର କ୍ଷତିପୂରଣ

**ମୁମ୍ବାଇ,୧୧।୨(ଏଜେନ୍ସି):** ମୁମ୍ବାଇରେ ଏକ କାର୍ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା ବ୍ୟକ୍ତି ବିଶେଷଙ୍କ ପରିବାରକୁ ସଂପୃକ୍ତ କାର୍ ମାଲିକ, ଡ୍ରାଇଭର ଏବଂ ବୀମା କମ୍ପାନୀକୁ ୨.୪୫ କୋଟି ଟଙ୍କା କ୍ଷତିପୂରଣ ଦେବାକୁ ଏଠାକାର ଏକ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଛନ୍ତି। ଯାହାକି କୌଣସି ଦୁର୍ଘଟଣାଜନିତ ମୃତ୍ୟୁ କ୍ଷେତ୍ରରେ ସର୍ବାଧିକ ବୋଲି କୁହାଯାଇଛି। ପ୍ରାୟ ୧୦ ବର୍ଷ ତଳେ ଭାଭା ଆଣବିକ ଗବେଷଣା କେନ୍ଦ୍ର(ବାର୍କ)ର ଜଣେ କର୍ମଚାରୀ ନିଜ ବାଇକ୍‌ରେ ଯାଉଥିବା ବେଳେ ତାଙ୍କୁ ଏକ କାର୍ ଧକ୍କା ଦେବାରୁ ତାଙ୍କର ମୃତ୍ୟୁ ହୋଇଥିଲା। ମୃତ ପ୍ରିୟନାଥ ପାଠକଙ୍କ ଦରମା ସେତେବେଳେ ମାସିକ ୧.୨୬ ଲକ୍ଷ ଟଙ୍କା ରହିଥିବା ବେଳେ ତାଙ୍କ ପତ୍ନୀ ୨୦୧୪ରେ କ୍ଷତିପୂରଣ ଦାବି କରିଥିଲେ। ପ୍ରିୟନାଥଙ୍କ ଦରମାକୁ ବିଚାର କରି ଉକ୍ତ ଟ୍ରିବ୍ୟୁନାଲ ତାଙ୍କ ପରିବାରକୁ ଉପରୋକ୍ତ ପରିମାଣର କ୍ଷତିପୂରଣଦ୍ୱୋକୁ ନିର୍ଦ୍ଦେଶ ଦେଇଛନ୍ତି।

## ଆଇସିଆଇସିଆଇ ପ୍ରୁ-ଗୋଲ୍ଡ ପେନ୍‌ସନ ଯୋଜନା ଉନ୍ମୋଚିତ

**ମୁମ୍ବାଇ,୧୧।୨(ଏଜେନ୍ସି):** ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସ ପକ୍ଷରୁ ଏକ ଟିକସ ସଞ୍ଚୟକାରୀ ପେନ୍‌ସନ ଉତ୍ପାଦ ଆଇସିଆଇସିଆଇ ପ୍ରୁ-ଗୋଲ୍ଡ ପେନ୍‌ସନ ସେଭିଙ୍ଗ୍‌ସର ଶୁଭାରମ୍ଭ କରାଯାଇଛି। ଏହି ଯୋଜନା ଗ୍ରାହକଙ୍କୁ ଅବସରକାଳୀନ ଜୀବନରେ ଆର୍ଥିକ ସ୍ୱାଧୀନତା ସହ ବ୍ୟବସ୍ଥାଗତ ଯୋଗଦାନ ଏବଂ ପାଣ୍ଠି ନିର୍ମାଣ କରିବା ପାଇଁ ସକ୍ଷମ କରୁଛି ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି ସ୍ୱତନ୍ତ୍ର ଉତ୍ପାଦ ହେଉଛି ଭାରତର ପ୍ରଥମ ଉତ୍ପାଦ ଯାହା ଗ୍ରାହକଙ୍କୁ ନିବେଶ କରାଯାଇଥିବା ପୁଞ୍ଜି ସୁରକ୍ଷା ସହିତ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା ଏବଂ ଆଂଶିକ ଟଙ୍କା ଉଠାଣ ପାଇଁ ଅନୁମତି ଦେଉଛି। ଗ୍ରାହକମାନେ ୩ ବର୍ଷ ଅବଧି ପରେ




ଜମା କରିଥିବା ରାଶିରୁ ୨୫% ପର୍ଯ୍ୟନ୍ତ ଉଠାଣ କରିପାରିବେ।ଏହି ବ୍ୟବସ୍ଥା ଗ୍ରାହକଙ୍କ ଜରୁରୀକାଳୀନ ଆବଶ୍ୟକତା ପୂରଣ କରିବାକୁ ସହାୟତା କରିବ। ଏହାଛଡା ବାର୍ଷିକ ବୋନସ୍ ପାଣ୍ଠି ଓ ବାର୍ଷିକ ରାଶିକୁ ଆହୁରି ବୃଦ୍ଧି କରିବ।ଆଇସିଆଇସିଆଇ ପ୍ରୁ ଗୋଲ୍ଡ ପେନ୍‌ସନ ସେଭିଙ୍ଗ୍‌ସ ପ୍ରଡକ୍ଟ ଗ୍ରାହକଙ୍କୁ ମାଚ୍ୟୁରିଟି ପରେ ମୋଟ ସଞ୍ଚୟର ୬୦% ପର୍ଯ୍ୟନ୍ତ ଟିକସ-ମୁକ୍ତ ରାଶି ଉଠାଣ କରିବା ଏବଂ ଅବଶିଷ୍ଟ ରାଶିରୁ ଜୀବନବ୍ୟାପୀ ନିୟମିତ ନିଶ୍ଚିତ ପେନ୍‌ସନ ହାସଲ କରିବା ପାଇଁ ସଶକ୍ତ କରୁଛି।ଏହି ନୂତନ ଉତ୍ପାଦ ସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ମୁଖ୍ୟ ବିତରଣ ଅଧିକାରୀ ଅମିତ ପାଲ୍‌ଟା କୁହନ୍ତି ଯେ,ଦେଶରେ ଦ୍ରୁତ ପରିବର୍ତ୍ତିତ ପାରିବାରିକ ଢାଞ୍ଚା ସହିତ ଅବସରକାଳୀନ ଯୋଜନା ଅଧିକ ମହତ୍ୱ ଗ୍ରହଣ କରିଛି। ଆଇସିଆଇସିଆଇ ପ୍ରୁ ଗୋଲ୍ଡ ପେନ୍‌ସନ ସେଭିଙ୍ଗ୍‌ସ ହେଉଛି ଏକ ଟ୍ୟାକ୍ସ ଏଫିସିଏଣ୍ଟ ପ୍ରଡକ୍ଟ ଯାହାକୁ ଗ୍ରାହକଙ୍କୁ ଆର୍ଥିକ ରୂପେ ସ୍ୱାଧୀନ ହେବା ପାଇଁ ଆବଶ୍ୟକୀୟ ଅବସର ପାଣ୍ଠି ନିର୍ମାଣ କରିବା ପାଇଁ ନିୟମିତ ଯୋଗଦାନ କରିବାକୁ ସକ୍ଷମ କରିବା ଲାଗି ପରିକଳ୍ପନା କରାଯାଇଛି।

## ଭାଲେଣ୍ଟାଇନ୍ସ ଡେ' ଅବସରରେ ରିଲାଏନ୍ସ ଜୁଏଲ୍ସର ସ୍ୱତନ୍ତ୍ର କଲେକ୍ସନ

ମୁମ୍ବାଇ,୧୧।୨(ଏଜେନ୍ସି)



ଭାଲେନ୍ଟାଇନ୍ ଦିବସ ଅବସରରେ ପ୍ରତିଷ୍ଠିତ ତଥା ବିଶ୍ୱସ୍ତ ଗହଣା ବ୍ରାଣ୍ଡ ରିଲାଏନ୍ସ ଜୁଏଲ୍ସ ଏକ ସ୍ୱତନ୍ତ୍ର କଲେକ୍ସନର ଶୁଭାରମ୍ଭ ଘୋଷଣା କରିଛି । ଭାଲେଣ୍ଟାଇନ ଦିବସର ପ୍ରକୃତ ଭାବନାକୁ ପାଳନ କରି ରିଲାଏନ୍ସ ଜୁଏଲ୍ସ ୧୪ କ୍ୟାରେଟ୍ ୟେଲୋ ଗୋଲ୍ଡ, ରୋଜ୍ ଗୋଲ୍ଡ ଓ ହୀରାରେ ନିର୍ମିତ ଚମତ୍କାର ଭାବରେ ପ୍ରସ୍ତୁତ ମୁଦି, କପଲ ବ୍ୟାଣ୍ଡ ଓ ପେଣ୍ଡେଟର ଏକ ସ୍ୱତନ୍ତ୍ର କଲେକ୍ସନ ଶୁଭାରମ୍ଭ କରିଛି। ଏହି ସ୍ୱତନ୍ତ୍ର କଲେକ୍ସନ ଦମ୍ପତିଙ୍କ ମଧ୍ୟରେ ପ୍ରେମର ନିରନ୍ତର ସ୍ମରଣ କରାଇଥାଏ ବୋଲି କମ୍ପାନୀ ପକ୍ଷରୁ କୁହାଯାଇଛି। ଏହି କଲେକ୍ସନରେ ରିଲାଏନ୍ସ ଜୁଏଲ୍ସର ଭିନ୍ନ ଭିନ୍ନ ଡିଜାଇନ୍ ଦୈନନ୍ଦିନ ଲୁକକୁ ଉନ୍ନତ କରିବା ପାଇଁ ଷ୍ଟାଇଲ ଓ ଆରାମକୁ ପ୍ରତିଫଳିତ କରିଥାଏ। ଜଣେ ନାରୀଙ୍କ ଯାତ୍ରା ପଥରେ ଉଜ୍ଜ୍ୱଳତା ଓ ସୌନ୍ଦର୍ଯ୍ୟର ଭାବନାକୁ ଗ୍ରହଣ କରିବା ପାଇଁ ଏହି କଲେକ୍ସନଟି ଅତ୍ୟନ୍ତ ଯତ୍ନର ସହିତ ପ୍ରସ୍ତୁତ କରାଯାଇଛି, ଯାହା ଦ୍ୱାରା ବିଭିନ୍ନ ବର୍ଗର ମହିଳାଙ୍କ କଠିନ ପରିଶ୍ରମ ପ୍ରତି ସମ୍ମାନ ପ୍ରଦର୍ଶନ କରୁଛି। ସାହସିକ ଠାରୁ ଆରମ୍ଭ କରି ଅତ୍ୟାଧୁନିକ ଓ ଜଟିଳ ଭାବରେ ଡିଜାଇନ୍ କରାଯାଇଥିବା ପିସ୍ ଗୁଡ଼ିକ, ମହିଳାମାନେ ସେମାନଙ୍କ ସାଥୀଙ୍କ ପାଇଁ ଶକ୍ତିଶାଳୀ ହେବାର ଏକ ନୂତନ ଦୃଷ୍ଟିକୋଣ ସହିତ ସମ୍ପର୍କର ଦୃଢ଼ତାକୁ ପ୍ରତିଫଳିତ କରେ। ଏହି ଅବସରରେ ରିଲାଏନ୍ସ ଜୁଏଲ୍ସର ନୂତନ କ୍ୟାମ୍ପେନ 'ମାଇଁ ଷ୍ଟ୍ରଙ୍ଗର ହାଫ୍' ସହିତ ଏହି କଲେକ୍ସନ ସଂଯୋଜିତ ରହିଛି। ରିଲାଏନ୍ସ ଜୁଏଲ୍ସ ଏକାଧିକ ଭୂମିକା ନିର୍ବାହ କରୁଥିବା ମହିଳାଙ୍କ ଶକ୍ତି ଏବଂ ଉପଲବ୍ଧିକୁ ଅତ୍ୟନ୍ତ ଦୃଢ଼ତାର ସହିତ ଉପସ୍ଥାପନ କରିବା ପାଇଁ ଏହି ସଂଗ୍ରହ ଆରମ୍ଭ କରିଛି ।ରିଲାଏନ୍ସ ଜୁଏଲ୍ସ ଗ୍ରାହକମାନଙ୍କୁ ଅନଲାଇନ୍ ଓ ବଛା ବଛା ଷ୍ଟୋରରେ ସୁନ୍ଦର କଲେକ୍ସନକୁ ଉପଭୋଗ କରିବା ପାଇଁ ଆମନ୍ତ୍ରିତ କରୁଛି ।

## ଅକ୍ଷୟ କୁମାର ଏସ୍‌ଜି ମାର୍ଟ ବ୍ରାଣ୍ଡ ଆମ୍ବାସାଡର୍

ନୂଆଦିଲ୍ଲୀ,୧୧।୨(ଏଜେନ୍ସି)



ବିଲ୍ଡିଂ ମ୍ୟାଟେରିଆଲ ଯୋଗାଣ କ୍ଷେତ୍ରରେ ଦେଶର ପ୍ରିମିୟମ ବି୨ବି ଟ୍ରେଡିଂ ପ୍ଲାଟ୍‌ଫର୍ମ ଭାବେ ପରିଚିତ ୱାନ୍-ଷ୍ଟପ୍‌ସପ୍ ଏସ୍‌ଜି ମାର୍ଟ ଲିମିଟେଡ୍ ପକ୍ଷରୁ ବଲିଉଡ୍ ଅଭିନେତା ଅକ୍ଷୟ କୁମାରଙ୍କୁ ଏହାର ବ୍ରାଣ୍ଡ ଆମ୍ବାସାଡର୍ ଭାବେ ନିଯୁକ୍ତ କରାଯାଇଛି। ଏଥିପାଇଁ ଉଭୟ ପକ୍ଷଙ୍କ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଇନ୍‌ଫ୍ରାଷ୍ଟ୍ରକ୍‌ଚରାଲ ସଲ୍ୟୁସନର ଏକ ବିସ୍ତୃତ ଶୃଙ୍ଖଳା ଓ ଏକ ବ୍ୟାପକ ବିତରଣ ନେଟ୍‌ୱର୍କ ସହିତ ଏବଂ ମେକ୍ ଇନ୍ ଇଣ୍ଡିଆ ଅଭିଯାନକୁ ଅନୁସରଣ କରି ଏସ୍‌ଜି ମାର୍ଟ ଏଭଳି ରଣନୈତିକ ସହଭାଗିତା ସହିତ ଦେଶବ୍ୟାପୀ ନିଜର ବ୍ରାଣ୍ଡ ଉପସ୍ଥିତିକୁ ବିସ୍ତାର କରିବା ପାଇଁ ଲକ୍ଷ୍ୟ ରଖିଛି। ଏହି ସହଭାଗିତା ଦ୍ୱାରା ଅକ୍ଷୟ କୁମାରଙ୍କୁ ପ୍ରିଣ୍ଟ, ଇଲେକ୍‌ଟ୍ରୋନିକ୍ ମିଡିଆ, ଆଉଟଡୋର୍ ଆଡ୍‌ଭର୍ଟାଇଜିଂ ଓ ଇନ୍-ଷ୍ଟୋର ପ୍ରମୋସ୍‌ନାଲ ମ୍ୟାଟେରିଆଲ କ୍ଷେତ୍ରରେ ବ୍ରାଣ୍ଡର ପ୍ରଚାରକ ଭାବେ ଗ୍ରାହକମାନେ ଦେଖିପାରିବେ ବୋଲି କମ୍ପାନୀ କହିଛି।

## ଏୟାରଟେଲ୍ ପେମେଣ୍ଟସ୍ ବ୍ୟାଙ୍କ ରାଜସ୍ୱରେ ୪୭% ବୃଦ୍ଧି

**ନୂଆଦିଲ୍ଲୀ,୧୧।୨(ଏଜେନ୍ସି):**ବ୍ୟାଙ୍କିଙ୍ଗ ଲାଇସେନ୍ସ ସହିତ ବ୍ୟାପକ ସ୍ତରରେ ପରିଚାଳନା କରୁଥିବା ପ୍ରମୁଖ ଫିନ୍‌ଟେକ କମ୍ପାନୀ ଏୟାରଟେଲ ପେମେଣ୍ଟସ୍ ବ୍ୟାଙ୍କ ଚଳିତ ଆର୍ଥିକ ବର୍ଷର ୩ୟ ତ୍ରୈମାସର ଆର୍ଥିକ ଫଳାଫଳ ଘୋଷଣା କରିଛି। ଏହି ତ୍ରୈମାସରେ ବ୍ୟାଙ୍କର ରାଜସ୍ୱ ୪୭% ବୃଦ୍ଧିରେ ୪୬୯ କୋଟି ଟଙ୍କା ରହିଥିବା ବେଳେ ନିଟ୍ ଲାଭ ପରିମାଣ ୧୨୦% ଅଭିବୃଦ୍ଧିରେ୧୧ କୋଟି ଟଙ୍କା ରହିଛି। ସେହିପରି ଏହି ଅବଧିରେ ବ୍ୟାଙ୍କର ମାସିକ ଟ୍ରାଙ୍କିଂ ୟୁଜର (ଏମ୍‌ଟିୟୁ) ୫୯ ନିୟୁତକୁ ବୃଦ୍ଧି ପାଇଛି। ଏହାଦ୍ୱାରା ବ୍ୟାଙ୍କର ଗ୍ରାହକ ଜମା ରାଶିରେ ୫୦% ବୃଦ୍ଧି ଘଟି ମୋଟ ପରିମାଣ୨୩୩୯ କୋଟି ଟଙ୍କାରେ ପହଞ୍ଚିଛି। ଏହି ଅବଧିରେ ବ୍ୟାଙ୍କର ବାର୍ଷିକ ଗ୍ରସ୍ ମର୍ଚ୍ଚାଣ୍ଡାଇଜ୍ ଭାଲ୍ୟୁ (ଜିଏମ୍‌ଭି) ୨୬୨୨୮ ବିଲିୟନ ଟଙ୍କା ରହିଛି।

### ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କରେ ବଡ ଠକେଇ

## ମ୍ୟାନେଜର ଓ କ୍ୟାସିୟରଙ୍କ ଦ୍ୱାରା ୭.୩୩ କୋଟି ହଡ଼ପ

**କୋଏମ୍ବାଟୁର, ୧୧।୨(ଏଜେନ୍ସି):** ତାମିଲନାଡୁର କୋଏମ୍ବାଟୁର ଇଣ୍ଡସ୍‌ଇଣ୍ଡ ବ୍ୟାଙ୍କରେ ବଡ ଠକେଇ ହେବାର ଖବର ସାମ୍ନାକୁ ଆସିଛି। ଏଠାକାର ଏକ ଶାଖାର ମ୍ୟାନେଜର ଏବଂ କ୍ୟାସିୟର ୭.୩୩ କୋଟି ଟଙ୍କା ଠକି ନେଇଥିବା ଜଣାପଡ଼ିଛି। ଏହି ବିଷୟ ଜଣାପଡ଼ିବା ପରେ ଉଭୟଙ୍କୁ ପୁଲିସ ଗିରଫ କରିଛି। ମିଳିଥିବା ଖବର ଅନୁସାରେ ଏଠାକାର ଅବିନାଶୀ ରୋଡ୍‌ସ୍ଥିତ ଇଣ୍ଡସଇଣ୍ଡ ବ୍ୟାଙ୍କ ଶାଖାରୁ ଗତ ଶୁକ୍ରବାର ୭.୩୩କୋଟି ଟଙ୍କାର ହେରଫେର୍ ହୋଇଥିବା ଜଣାପଡ଼ିବା ପରେ ହଇଚଇ ସୃଷ୍ଟି ହୋଇଥିଲା। ପରେ ପରେ ପୁଲିସ ଏହି ଶାଖାର ଡେପୁଟି ମ୍ୟାନେଜର ଏବଂ ୨ ଜଣ କ୍ୟାସିୟର୍‌ଙ୍କୁ ଗିରଫ କରିବା ସହିତ ୩ ଜଣ ଗ୍ରାହକଙ୍କୁ ମଧ୍ୟ ଗିରଫ କରିଥିଲା। ସିଟି କ୍ରାଇମ୍ ବ୍ରାଞ୍ଚର ଅଧିକାରୀଙ୍କ କହିବା ଅନୁସାରେ ଆର୍ଥିକ କାରବାରରେ ଅନିୟମିତତା ଏବଂ ବ୍ୟାଙ୍କିଙ୍ଗ ବ୍ୟବସ୍ଥା ରେକର୍ଡରେ ଜାଲିଆତି କରାଯାଇ ଅର୍ଥ ହେରଫେର କରାଯାଇଛି। ଏହି ଘଟଣା ବ୍ୟାଙ୍କିଙ୍ଗ କାର୍ଯ୍ୟକ୍ଷେତ୍ରର ଅଖଣ୍ଡତା ଏବଂ ନିରାପତ୍ତାକୁ ନେଇ ମଧ୍ୟ ଚିନ୍ତା ବଢାଇଛି । ସମସ୍ତ ଗିରଫ ବ୍ୟକ୍ତିଙ୍କୁ ଅଦାଲତରେ ହାଜର କରାଯିବା ପରେ ନ୍ୟାୟିକ ହେପାଜତକୁ ପଠାଯାଇଛି । ଏହି ଘଟଣାରେ ସଂପୃକ୍ତ ରହିଥିବା ଅନ୍ୟ ୧୦ଜଣ ଗ୍ରାହକଙ୍କୁ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ କହିଛି।

# ଶିଳ୍ପୋଦ୍ୟୋଗୀଙ୍କୁ ପ୍ରୋତ୍ସାହନ ପାଇଁ ଓଡ଼ିଶା ପ୍ରକୃଷ୍ଟ କ୍ଷେତ୍ର

କଟକ,୧୧।୨(ସମିସ)

**କଳିଙ୍ଗ ମାରିଟାଇମ୍ ଏକ୍ସପୋ**

ଦେଶରେ ସେନାବାହିନୀ କ୍ଷେତ୍ରକୁ ମୁକ୍ତ କରାଯାଇଛି। ସେମାନଙ୍କ ସହ ବାଣିଜ୍ୟିକ ସମ୍ପର୍କ ଆଉ ଅଳ୍ପ କିଛି ଶିଳ୍ପୋଦ୍ୟୋଗୀଙ୍କ ଭିତରେ ସୀମିତ ନାହିଁ। ଦିନକୁ ଦିନ ଦେଶରେ ଷ୍ଟାର୍ଟ-ଅପ ସଂଖ୍ୟା ବୃଦ୍ଧି ପାଉଛି। ଅନେକ ନୂତନ ଶିଳ୍ପୋଦ୍ୟୋଗୀ ସେନାବାହିନୀକୁ ରପ୍ତାନୀ କରିବା ଭଳି ସାମଗ୍ରୀ ପ୍ରସ୍ତୁତ କରୁଛନ୍ତି। ଏମାନେ ଅନ୍ତର୍ଜାତୀୟ ବଜାରରେ ପ୍ରତିଯୋଗିତା କରୁଛନ୍ତି। ଏହାକୁ ଦୃଷ୍ଟିରେ ରଖି କଟକରେ ଆୟୋଜିତ ହୋଇଥିବା କଳିଙ୍ଗ ମାରିଟାଇମ୍ ଏକ୍ସପୋ-୨୦୨୪ ଅନେକ ଶିଳ୍ପୋଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବ। ପ୍ରଥମ ପଦକ୍ଷେପ ସ୍ୱରୂପ ଓଡ଼ିଶାରେ ଆରମ୍ଭ ହୋଇଛି ଏହି ମେଳା। ଯାହା ପଡୋଶୀ ରାଜ୍ୟ ଯଥା ଆନ୍ଧ୍ରପ୍ରଦେଶ ଏବଂ ପଶ୍ଚିମବଙ୍ଗରେ ଏ ପର୍ଯ୍ୟନ୍ତ ହୋଇନାହିଁ। ଏହି ମେଳାରେ ରାଜ୍ୟ ସରକାରଙ୍କ ଅନେକ ସଂସ୍ଥା ସାମିଲ ହୋଇଛନ୍ତି। ଶିଳ୍ପୋଦ୍ୟୋଗୀଙ୍କୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ପୂର୍ବାଞ୍ଚଳରେ ଓଡ଼ିଶା ପ୍ରକୃଷ୍ଟ କ୍ଷେତ୍ର ବୋଲି ସାଂସଦ ଭର୍ତ୍ତୃହରି ମହତାବ କହିଛନ୍ତି। ଉପର ବାଲିଯାତ୍ରା ପଡ଼ିଆରେ ଚାଲିଥିବା କଳିଙ୍ଗ ମାରିଟାଇମ୍ ଏକ୍ସପୋର ରବିବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସାଂସଦ ଶ୍ରୀ ମହତାବ ଉପରୋକ୍ତ ମତ ଦେଇଥିଲେ।



ସେ ଏହା ମଧ୍ୟ କହିଥିଲେ ଯେ, ସେନାବାହିନୀକୁ ଯୋଗାଇବା ଭଳି ଦ୍ରବ୍ୟ ଓଡ଼ିଶାରେ ତିଆରି ହୋଇ ପାରିବ। ଓଡ଼ିଶାରେ ଇସ୍ପାତ ଖଣି ଅଛି। ଯେଉଁଥିରୁ ସେନାବାହିନୀ ନିମନ୍ତେ ଉଦ୍ଦିଷ୍ଟ ସାମଗ୍ରୀ ତିଆରି କରାଯାଇ ପାରିବ। ବିଦେଶରେ ଅନେକ ପ୍ରତିଷ୍ଠିତ କମ୍ପାନୀରେ କାର୍ଯ୍ୟ କରିବା ପରେ ଆମ ଓଡ଼ିଶାକୁ ଫେରି ଅନେକ ଯୁବକ ନୂତନ ଷ୍ଟାର୍ଟଅପ ଆରମ୍ଭ କରୁଛନ୍ତି। ଓଡ଼ିଶାରେ ଏଭଳି ପ୍ରତିଭାବାନ ଇଞ୍ଜିନିୟରଙ୍କ ଅଭାବ ନାହିଁ। ଏଠାରେ ମାର୍କେଟ ମଧ୍ୟ ଉପଲବ୍ଧ ହେଲାଣି। ଯୁବ ଶିଳ୍ପୋଦ୍ୟୋଗୀ ଏହି କାର୍ଯ୍ୟରେ ନିୟୋଜିତ ହେଲେ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ରାଜ୍ୟର ଆର୍ଥିକ ପ୍ରଗତି ମଧ୍ୟ ଘଟିବ ବୋଲି ସାଂସଦ ଶ୍ରୀ ମହତାବ କହିଥିଲେ। ସଦଗୁରୁ ହସ୍ପିଟାଲର ପରିଚାଳନା ନିର୍ଦ୍ଦେଶକ ଡଃ ପ୍ରଦୀପ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ସରକାରଙ୍କ ଏହି ଉଦ୍ୟମକୁ ପ୍ରଶଂସା କରିଥିଲେ। ବର୍ତ୍ତମାନ ଓ ଭବିଷ୍ୟତର ଶିଳ୍ପୋଦ୍ୟୋଗୀମାନେ କିପରି ପର୍ଯ୍ୟାପ୍ତ ସୁଯୋଗ ପାଇବେ ସେ ଦିଗରେ ମତ ଦେଇଥିଲେ। ଓଡ଼ିଶା ଇଣ୍ଡଷ୍ଟ୍ରିଜ ଆସୋସିଏସନର ଅଧ୍ୟକ୍ଷ ଅବନୀ କାନୁନଗୋ ଅଧ୍ୟକ୍ଷତା କରିଥିବା ବେଳେ ସଭାପତି ସୁଶାନ୍ତ କୁମାର ପଣ୍ଡା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ।

# ଭୁବନେଶ୍ୱର ସିଟି



## ଧଉଳି-କଳିଙ୍ଗ ମହୋତ୍ସବ

# ଶେଷ ସନ୍ଧ୍ୟାରେ ଭାରତନାଟ୍ୟମ୍ ଓ ସମରକଳା



ଧଉଳି, ୧୧।୨(ସମିସ):

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ, ଓଡ଼ିଶା ସଙ୍ଗୀତ ନାଟକ ଏକାଡ଼େମୀ ଏବଂ ଆର୍ଟ ଭିଜନ୍‌ର ମିଳିତ ଉଦ୍ୟମରେ ଐତିହାସିକ ଧଉଳି ପାହାଡ଼ର ପାଦଦେଶରେ ଆୟୋଜିତ ୨୦ତମ ଧଉଳି କଳିଙ୍ଗ ମହୋତ୍ସବ ଉଦ୍‌ଯାପନୀ ଉତ୍ସବରେ ପରିବେଷିତ ହୋଇଯାଇଛି ପୁରସ୍କାର ଉତ୍ସବ ସହିତ ଅତ୍ୟନ୍ତ ମନୋଜ୍ଞ ଓ ଚିତ୍ତାକର୍ଷକ ନୃତ୍ୟ କାର୍ଯ୍ୟକ୍ରମ । ପ୍ରତିବର୍ଷ ପରି ଏ ବର୍ଷ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀ ଦ୍ୱାରା ପ୍ରଦତ୍ତ ବୁଦ୍ଧ ସମ୍ମାନ ୨୦୨୪ ଓଡ଼ିଶୀ ନୃତ୍ୟାଙ୍ଗନା ମାଧବୀ ମୁଦ୍‌ଗଲ୍ ତାଙ୍କ ଜୀବନବ୍ୟାପୀ ଓଡ଼ିଶୀ ନୃତ୍ୟ ସାଧନା ପାଇଁ ପ୍ରଦାନ କରାଯାଇଥିଲା । ସେହିପରି ଗୁରୁ ଗଙ୍ଗାଧର ସ୍ମୃତି ସମ୍ମାନ ୨୦୨୪ ପ୍ରହ୍ଲାଦ ନାଟକ ଗୁରୁ ସିମାଞ୍ଚଳ ପାତ୍ର, ପ୍ରଖ୍ୟାତ ହିନ୍ଦୁସ୍ତାନୀ ଶାସ୍ତ୍ରୀୟ ସଙ୍ଗୀତ ଗାୟକ ପଣ୍ଡିତ ଦେବେନ୍ଦ୍ର ନାରାୟଣ ଶତପଥୀ, ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ଗୁରୁ ରତିକାନ୍ତ ମହାପାତ୍ର ଏବଂ ଖ୍ୟାତନାମା ସାଧାରଣ ଚିକିତ୍ସକଙ୍କୁ ସେମାନଙ୍କର ଜୀବନବ୍ୟାପୀ ନୃତ୍ୟ, ସଙ୍ଗୀତ ସାଧନା ଓ ଜନସେବା ପାଇଁ ପ୍ରଦାନ କରାଯାଇଥିଲା ।



**ମାଧବୀ ମୁଦ୍‌ଗଲ୍‌ଙ୍କୁ ବୁଦ୍ଧ ସମ୍ମାନ**

ଉଦ୍‌ଯାପନୀ ସନ୍ଧ୍ୟାର ପ୍ରଥମ କାର୍ଯ୍ୟକ୍ରମ ଥିଲା ଭୈବଭ ଆରେଖଙ୍କ ଦ୍ୱାରା ପ୍ରତିଷ୍ଠିତ ନୃତ୍ୟ ଅନୁଷ୍ଠାନ ସଂଖ୍ୟା ଡ୍ୟାନ୍ସ କ୍ରିଏସନ୍‌ର ଶିଳ୍ପୀମାନଙ୍କ ଦ୍ୱାରା ଭାରତନାଟ୍ୟମ ନୃତ୍ୟ ପରିବେଷଣ । ନୃତ୍ୟଟିର ନୃତ୍ୟ ସଂରଚନା କରିଥିଲେ ଭୈବଭ ଆରେଖ ଓ ସଂଯୋଜନା କରିଥିଲେ ଅରୁଣା ସାଇରାମ, କେ.ଏ. ଗଣେଶନ୍, ଜୟନ୍ତ ନଜିରଫେଲକର ଏବଂ ଅମ୍ବିକା ବିଶ୍ୱନାଥ ।

ଉଦ୍‌ଯାପନୀ ସଂଧ୍ୟାର ଅନ୍ତିମ ଉପସ୍ଥାପନା ଥିଲା ସମସାମୟିକ ସମରକଳା ନୃତ୍ୟ ଯାହାକୁ ପରିବେଷଣ କରିଥିଲେ ଜନାର୍ଦ୍ଦନ ରାଜ ଉର୍ସ ଓ ସାଥୀ । କର୍ଣ୍ଣକୋପିୟା କ୍ରୀଏସନ୍‌ର ଶିଳ୍ପୀମାନେ ସମସାମୟିକ ସମରକଳା ନୃତ୍ୟ ପରିବେଷଣ କରିଥିଲେ ଯାହାର ସଂଳାପ ପ୍ରସ୍ତୁତ କରିଥିଲେ ଡକ୍ଟର ଶତାବଦାନୀ ଗଣେଶ, ନୃତ୍ୟ ସଂରଚନା କରିଥିଲେ ଜନାର୍ଦ୍ଦନ ରାଜ ଉର୍ସ, ସଙ୍ଗୀତ ସଂଯୋଜନା କରିଥିଲେ ପରବିନ୍ ଡ଼ି ରାଓ ଓ ଆଲୋକ ପରିଚାଳନା କରିଥିଲେ ଦେବୀପ୍ରସାଦ ମିଶ୍ର ।

ଉଦ୍‌ଯାପନୀ ସନ୍ଧ୍ୟାରେ ଅତିଥି ଭାବରେ ଯୋଗଦେଇଥିଲେ ବିଶିଷ୍ଟ ଓଡ଼ିଶୀ ନୃତ୍ୟାଙ୍ଗନା ତଥା ସମ୍ବଲପୁର ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ଡକ୍ଟର (ପ୍ରଫେସର) ପ୍ରିୟମ୍ବଦା ମହାନ୍ତି ହେଜମାଦି; ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ସଭାପତି; ପୂର୍ବତନ ଭାରତୀୟ ରାଷ୍ଟ୍ରଦୂତ ଡକ୍ଟର ଲଳିତ୍ ମାନସିଂହ; ଭାରତ ସରକାରଙ୍କ ଶ୍ରମ ଓ ନିୟୋଜନ ମନ୍ତ୍ରଣାଳୟର ଶାସନ ସଚିବ ଆରତି ଆହୁଜା; ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ନିର୍ଦ୍ଦେଶକ ଦିଲୀପ ରାଉତରାୟ ଏବଂ ଓଡ଼ିଶା ଡ୍ୟାନ୍ସ ଏକାଡ଼େମୀର ସଚିବ ଗୁରୁ (ଡଃ) ଅରୁଣା ମହାନ୍ତି । କାର୍ଯ୍ୟକ୍ରମକୁ ସଂଚାଳନା କରିଥିଲେ ଡକ୍ଟର (ଇ.) ଶ୍ରୀନିବାସ ଘଟୁଆରୀ ଏବଂ ନାଜିଆ ଆଲାମ ।

## ବିଶ୍ୱଭାରତୀ ପ୍ରାକ୍ତନୀରେ ୭ମ ବାର୍ଷିକ ସାରସ୍ୱତ ସମାରୋହ

ଭୁବନେଶ୍ୱର, ୧୧।୨ (ସମିସ): ବିଶ୍ୱଭାରତୀ ପ୍ରାକ୍ତନୀ ଓଡ଼ିଶାର ବାର୍ଷିକ ଉତ୍ସବ ସ୍ଥାନୀୟ ଖାରବେଳ ନଗରସ୍ଥିତ ବୁଦ୍ଧମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଶାନ୍ତିନିକେତନରେ ଅଧ୍ୟୟନ, ଅଧ୍ୟାପନା ଓ ଗବେଷଣା କରିଥିବା ଓଡ଼ିଆମାନଙ୍କ ଦ୍ୱାରା କରାଯାଇଥିଲା । ପରେ ପରେ ୧୯୭୬ ମଧ୍ୟରେ ବିଶ୍ୱ ଭାରତୀରେ ଅଧ୍ୟୟନ କରୁଥିବା ଛାତ୍ରଛାତ୍ରୀଙ୍କୁ 'ବିଶ୍ୱଭାରତୀ ଛାତ୍ର ଗୌରବ ସମ୍ମାନ', 'ଡ ମାନସ ରଞ୍ଜନ ସ୍ମୃତିସମ୍ମାନ' ଓ 'ଛାତ୍ରପ୍ରତିଭା ସମ୍ମାନ' ବିଭିନ୍ନ କ୍ଷେତ୍ରରେ ପ୍ରଦାନ କରାଯାଇଥିଲା ।




ଆୟୋଜିତ ସମାରୋହକୁ ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ । ଏହି ଅବସରରେ ଦିବଂଗତ ଡ.ଶ୍ରୀନିବାସ ମିଶ୍ର, ଲଲାଟ ମୋହନ ପଟ୍ଟନାୟକ, ଡ. ଅଭିନ୍ନ ଚନ୍ଦ୍ର ସାହୁଙ୍କ ସ୍ମୃତିରେ ନିରବ ପ୍ରାର୍ଥନା କରାଯାଇଥିଲା । ସମ୍ବର୍ଦ୍ଧନା ପର୍ବରେ ଓଡ଼ିଆ ବିଶ୍ୱ ବିଦ୍ୟାଳୟର କୁଳପତି ପ୍ରଫେସର ସବିତା ପ୍ରଧାନ ଓ କୋରାପୁଟ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଚକ୍ରଧର ତ୍ରିପାଠୀଙ୍କୁ 'ପ୍ରାକ୍ତନୀ ସୃଜନୀ ସମ୍ମାନ' ପ୍ରଦାନ ପରେ ପରେ ପୁସ୍ତକ ଉନ୍ମୋଚନ ଓ ସମୀକ୍ଷା କାର୍ଯ୍ୟକ୍ରମରେ ଡ.ଧୀରେନ୍ ଆଚାର୍ଯ୍ୟଙ୍କ କବିତା ପୁସ୍ତକ 'ସାନ୍ନିଧ ଶତକ' ଏବଂ ଲଲାଟେନ୍ଦୁ ପହିଙ୍କ 'ଏ ଟେନ୍ ମିନିଟ୍ ଗାଇଡ ଟୁ ଇଏଚ୍‌ଆର ଆଣ୍ଡ ଇଏମଆର' ଓ ଆଚାର୍ଯ୍ୟ ଭାବନାନନ୍ଦଙ୍କ ପୁସ୍ତକ 'ଷ୍ଟଡିଜ୍ ଇନ୍ ଫକ୍ କଲ୍‌ଚର୍ ଆଣ୍ଡ ଅଦର' ରାଇଟିଂସ୍‌କ ପୁସ୍ତକ ଲୋକାର୍ପଣ କରାଯାଇଥିଲା । ଶେଷରେ ପ୍ରଫେସର ଅନନ୍ତ କିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ ।

## କଳିଙ୍ଗନଗର ରେସିଡେନସ୍ ୱେଲ୍‌ଫେୟାର୍ ଆସୋସିଏସନ୍‌ର ନିର୍ବାଚନ



ଭୁବନେଶ୍ୱର, ୧୧।୨ (ସମିସ): କେ-୪, କଳିଙ୍ଗନଗର ରେସିଡେନସ୍ ୱେଲଫେୟାର ଆସୋସିଏସନ୍‌ର ପରିସରରେ ସଂଘର ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି । ନିର୍ବାଚନରେ ସଂଘର ସଭାପତିଭାବେ ମହେଶ୍ୱର ସାହୁ, ସାଧାରଣ ସମ୍ପାଦକ ଭାବେ ସତ୍ୟାନନ୍ଦ ନାୟକ ଏବଂ କୋଷାଧ୍ୟକ୍ଷଭାବେ ସୁକାନ୍ତ ମିଶ୍ର ନିର୍ବାଚିତ ହୋଇଛନ୍ତି । ଆଗାମୀ ଦିନରେ ସଂଘର ଉନ୍ନୟନମୂଳକ କାର୍ଯ୍ୟକ୍ରମ ପାଇଁ ପତିଜ୍ଞାବଦ୍ଧ ହୋଇଥିଲେ ।

## ପ୍ରେମ ସପ୍ତାହରେ ଆଧୁନିକ ଆଲବମ୍ ଉନ୍ମୋଚିତ

ଭୁବନେଶ୍ୱର, ୧୧।୨(ସମିସ) : ସୁଧା ଅଫିସିଆଲ ମ୍ୟୁଜିକ୍ ପ୍ରଯୋଜିତ ଆଧୁନିକ ଆଲବମ 'ମନେନାହିଁ ମୋର ତମ ସହରରେ' ରବିବାର ସନ୍ଧ୍ୟାରେ ଏକାମ୍ର ହାଟରେ ଉନ୍ମୋଚିତ ହୋଇଯାଇଛି । ଡ. ରଜନୀରଞ୍ଜନଙ୍କ ଗୀତକୁ ନେଇ ସ୍ୱରରେ ସଜେଇଛନ୍ତି ଯୁବ ସଂଗୀତ ନିର୍ଦ୍ଦେଶକ ସ୍ୱସ୍ତିକ ପାଢ଼ୀ । ଏଥିରେ କଣ୍ଠଦାନ କରିଛନ୍ତି ସୁଧାଂଶୁବାଳା ସାହୁ । ଏହି ଅବସରରେ ଆୟୋଜିତ ଏକ ନିରାଡ଼ମ୍ବର ସଭାରେ ଡ. ଅଜୟ ସ୍ୱାଇଁ, ଡ. ରାଜନୀରଞ୍ଜନ, ସଂଗୀତ ନିର୍ଦ୍ଦେଶକ ପ୍ରଶାନ୍ତ ପାଢ଼ୀ, ଯଜ୍ଞ ଦାସ, ଡ. ମାଧବ ବେହୁରା, ଅଭିନେତା ବବି ମିଶ୍ର, ନିର୍ଦ୍ଦେଶକ ଶୈଳେନ୍ଦ୍ର ମିଶ୍ର, ଅଧ୍ୟାପକ ଆଲୋକ ଷଡ଼ଙ୍ଗୀ, ଓ ଡ. ଶ୍ରୀକାନ୍ତ କୁମାର ବାରିକ ପ୍ରମୁଖ ଉନ୍ମୋଚନ କରିଥିଲେ । ପ୍ରେମ ସପ୍ତାହରେ ଏହି ଆଲ୍‌ବମଟି ଯୁବବର୍ଗଙ୍କୁ ଅମୋଦିତ କରିବ ବୋଲି ଅତିଥିମାନେ ମତବ୍ୟକ୍ତ କରିଛନ୍ତି ।



## ଓଡ଼ିଶା ଇନୋଭେସନ୍ କନ୍‌କ୍ଲେଭ୍ ୨୦୨୩-୨୪ 'ଆରୋହଣ'

ଭୁବନେଶ୍ୱର, ୧୧।୨(ସମିସ): ଓଡ଼ିଶାରେ ଉଦ୍ଭାବନ ଓ ଉଦ୍ୟୋଗିକତାର ବିକାଶ ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପରେ ଭାରତ ସରକାରଙ୍କ ଏଆଇଏମ୍ଏ ନିତି ଆୟୋଗ ସହଯୋଗରେ ଅଟଳ ଇନ୍‌କ୍ୟୁବେଶନ ସେଣ୍ଟର-ନାଳନ୍ଦା ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି ଫାଉଣ୍ଡେଶନ (ଏଆଇସି-ନାଳନ୍ଦା) ପକ୍ଷରୁ ଗତ ଫେବୃଆରୀ ୧୦ ତାରିଖରେ ଓଡ଼ିଶା ଇନୋଭେସନ କନ୍‌କ୍ଲେଭ୍ ୨୦୨୩-୨୪ର ସଫଳ ରୂପେ ଆୟୋଜନ କରାଯାଇଥିଲା । ଏହି ସମ୍ମିଳନୀର ନାମ ଥିଲା ଆରୋହଣ । ଉଦ୍‌ଘାଟନୀ ଉତ୍ସବରେ ଅଟଳ ଇନୋଭେସନ ମିଶନ (ଏଆଇଏମ୍)ର ମିଶନ ଡାଇରେକ୍ଟର ଡଃ ଚିନ୍ତନ ବୈଷ୍ଣବ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ରହି ଉଦ୍ୟୋଗୀ ଓ ଟିଙ୍କରର୍‌ଙ୍କୁ ସମର୍ଥନ କରିବା କ୍ଷେତ୍ରରେ ଏଆଇଏମ୍‌ର ମୂଳ ଭୂମିକାକୁ ହାଇଲାଇଟ୍ କରିଥିଲେ ।



ସେହିପରି ଏଆଇସିଟିଇର ଉପାଧ୍ୟକ୍ଷ ଓ ଏମ୍ଆଇସିର ମୁଖ୍ୟ ଉଦ୍ଭାବନ ଅଧିକାରୀ ଡଃ ଅଭୟ ଜେରେ ବାସ୍ତବ ଦୁନିଆର ଆହ୍ୱାନଗୁଡ଼ିକ ପାଇଁ ଟେକ୍ନୋଲୋଜି-ଆଧାରିତ ସମାଧାନର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ । ଏହି କାର୍ଯ୍ୟକ୍ରମ ସମୟରେ ଏମ୍ଆଇସିର ଆସିଷ୍ଟାଣ୍ଟ ଇନୋଭେସନ ଡାଇରେକ୍ଟର ଦୀପନ ସାହୁ, ଅଟଳ ଇନୋଭେସନ ମିଶନର ପ୍ରୋଗ୍ରାମ ଡାଇରେକ୍ଟର ରୋହିତ ଗୁପ୍ତା ଏଆଇଏମ୍-ଆଇଆଇସି ମେଣ୍ଟରିଙ୍ଗ ଲିଙ୍କେଜ ପ୍ଲାଟ୍‌ଫର୍ମର ଶୁଭାରମ୍ଭ କରିଥିଲେ । ଏଆଇସି-ନାଳନ୍ଦାର ସିଇଓ ଦୁର୍ଗାପ୍ରସାଦ ସଦ୍ୟତମ ବିକାଶ ଓ ଆଗାମୀ କାର୍ଯ୍ୟକ୍ରମଗୁଡ଼ିକର ତଥ୍ୟ ସେୟାର କରିଥିଲେ । ଏହି ସମ୍ମିଳନୀରେ ଷ୍ଟାର୍ଟଅପଗୁଡ଼ିକ ପାଇଁ ଏକ ମଞ୍ଚ ପ୍ରଦାନ କରିଥିବା ବେଳେ ଭୁବନେଶ୍ୱରରେ ଅଟଳ ଟିଙ୍କରିଂ ଲ୍ୟାବ୍‌ସର ଛାତ୍ରଛାତ୍ରୀ ଉଦ୍ଭାବକମାନେ ସ୍ୱଦେଶୀ ପ୍ରକଳ୍ପ ମଡେଲଗୁଡ଼ିକୁ ପ୍ରଦର୍ଶିତ କରିଥିଲେ ।

## ପାଲା କଳାକାରଙ୍କ ସ୍ମୃତିଚାରଣ

ହଂସପାଳ,୧୧।୨(ସମିସ): ଭୁବନେଶ୍ୱରର ବର୍ଷୀୟାନ ପାଲା କଳାକାର ହଂସପାଳ ଗ୍ରାମର ସ୍ୱର୍ଗତ ଗଜେନ୍ଦ୍ର ନାୟକଙ୍କ ଏକାଦଶ ଦିବସରେ ଶ୍ରୀଜଗନ୍ନାଥ ପାଲା କଳାକାର ମହାସଂଘ ଆନୁକୂଲ୍ୟରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଅଛି । କାର୍ଯ୍ୟକ୍ରମରେ ସଂସ୍କୃତି ସେବକ ଲକ୍ଷ୍ମୀଧର ବେହେରା, ଗାୟକ ଜ୍ଞାନ ସାଗର ଉଲାସ ଚନ୍ଦ୍ର ଷଡ଼ଙ୍ଗୀ, ମହାସଂଘର ସଭାପତି ନିରଞ୍ଜନ ସ୍ୱାଇଁ, ସମ୍ପାଦକ ଦୁଷ୍ମନ୍ତ ବେହେରା, ଗାୟକ ତ୍ରିଲୋଚନ ବେହେରା, ସୁରେନ୍ଦ୍ର ନାଥ ଛୋଟରାୟ, କର୍ପୋରେଟର ସୁକୁମାର ସାହୁ, ଉପେନ୍ଦ୍ରନାଥ ପଟ୍ଟନାୟକ ସ୍ମୃତିଚାରଣ କରିଥିଲେ । ପୁତ୍ର ପୀତବାସ ନାୟକ, ରବୀନ୍ଦ୍ର ନାୟକ, ନଗେନ୍ଦ୍ର ନାୟକ କାର୍ଯ୍ୟ ପରିଚାଳନା କରିଥିଲେ ।

## ପ୍ରଦୀପ ମହାପାତ୍ରଙ୍କ 'ମୁଁ ଶୂନ କହୁଛି' ଉନ୍ମୋଚିତ



ଭୁବନେଶ୍ୱର, ୧୧।୨(ସମିସ): ତିନିଦିନିଆ କଳିଙ୍ଗ ସାହିତ୍ୟ ମହୋତ୍ସବର ଉଦ୍‌ଘାଟନୀ ଦିବସରେ ପ୍ରଦୀପ ମହାପାତ୍ରଙ୍କ ଓଡିଆ ସଂକଳନ 'ମୁଁ ଶୂନ କହୁଛ' ହୋଟେଲ ସ୍ୱସ୍ତି ପ୍ରିମିୟମଠାରେ ଉନ୍ମୋଚିତ ହୋଇଯାଇଛି । ଏହି ପୁସ୍ତକକୁ ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ଲେଖକ ଦାସ ବେନ୍‌ହୁର ଓ କବି ତଥା ଲେଖିକା ଚିନ୍ମୟୀ ପଣ୍ଡା ଉନ୍ମୋଚିତ କରିଥିଲେ । ଶ୍ରୀ ମହାପାତ୍ରଙ୍କ କବିତା ଦର୍ଶକଙ୍କ ମନକୁ ଆକର୍ଷିତ କରିଥିଲା । ଯେଉଁଥିରେ ତାଙ୍କ ଭାବପ୍ରବଣ, ଆବେଗ ଓ ଗଭୀର ଜ୍ଞାନର ଝଲକ ଦେଖିବାକୁ ମିଳିଥିଲା ।

## ଅନୁକୂଳଚନ୍ଦ୍ରଙ୍କ ଜନ୍ମ ମହୋତ୍ସବ

ଭୁବନେଶ୍ୱର,୧୧।୨(ସମିସ): ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ୧୩୬ତମ ଜନ୍ମ ମହୋତ୍ସବ ଏବଂ ସ୍ଥାନୀୟ ସତସଙ୍ଗ ବିହାର ୨୯ତମ ଶ୍ରୀବିଗ୍ରହ ପ୍ରତିଷ୍ଠା ଦିବସ ଉତ୍ସବ ରବିବାର ମଞ୍ଚେଶ୍ୱରସ୍ଥିତ ରେଳବାଇ ଖେଳ ପଡ଼ିଆରେ ମହାସମାରୋହରେ ପାଳିତ ହୋଇଯାଇଛି । ଏହି ଅବସରରେ ଶ୍ରୀଶ୍ରୀଆଚାର୍ଯ୍ୟଦେବ ଆଶୀର୍ବଚନ ପ୍ରଦାନ କରିଥିଲେ । ଉତ୍ସବ ପ୍ରାତଃକାଳରୁ ଆରମ୍ଭ ହୋଇ ଉଷାବିନତି, ସମ୍ମିଳିତ ପାଠ, ଭକ୍ତି ସଙ୍ଗୀତ, ପରିବେଷଣ ହୋଇଥିଲା । ସକାଳ ୯ଟାରୁ ଉତ୍ସବର ବିଭିନ୍ନ ମଞ୍ଚରେ କାର୍ଯ୍ୟକ୍ରମମାନ ଅନୁଷ୍ଠିତ ହୋଇଥିଲା । ମାତୃମଞ୍ଚରେ ମା'ଓ ଝିଅମାନେ ଭକ୍ତି ସଙ୍ଗୀତ, ନୃତ୍ୟ ପରିବେଷଣ ସହ ସଦାଲୋଚନା ଓ ସାଂସ୍କୃତିକ କାର୍ଯ୍ୟକ୍ରମ କରିଥିଲେ । ପୂର୍ବାହ୍ନ ୧୧ଟାରେ ଉତ୍ସବର ସ୍ମରଣିକା 'ତର୍ପଣ'କୁ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା । ଶ୍ରୀଶ୍ରୀଆଚାର୍ଯ୍ୟଦେବ ଉତ୍ସବସ୍ଥଳରେ ପହଞ୍ଚିବା ପରେ ଉପସ୍ଥିତ ଶିଷ୍ୟ, ଅନୁରାଗୀ ତାଙ୍କୁ ଦର୍ଶନ ପ୍ରଣାମ କରିଥିଲେ । ରାଜ୍ୟପାଳ ରଘୁବର ଦାସ ଉତ୍ସବରେ ଯୋଗ ଦେଇ ଶ୍ରୀଶ୍ରୀ ଚର୍ଯ୍ୟଦେବଙ୍କୁ ଦର୍ଶନ କରିଥିଲେ । ଏଥିସହ ବିଭିନ୍ନ ରାଜନୈତିକ ବ୍ୟକ୍ତିତ୍ୱ, ସାହିତ୍ୟିକ, କ୍ରୀଡ଼ାବିତ, ବରିଷ୍ଠ ପ୍ରଶାସନିକ ଅଧିକାରୀ ଉତ୍ସବରେ ଯୋଗ ଦେଇଥିଲେ । ଶ୍ରୀଶ୍ରୀଆଚାର୍ଯ୍ୟଦେବଙ୍କ ଉପସ୍ଥିତିରେ ଶିବାନନ୍ଦ ପ୍ରସାଦ, ଡା. ବିନାୟକ ମହାପାତ୍ର ଆଲୋଚନା କରିଥିବା ବେଳେ ଚକ୍ରଧାରୀ ନାୟକ, ପଣ୍ଡିତ ବଳରାମ ଦାସ, ସିଦ୍ଧାର୍ଥ ଧଳ, ଅମିତାଭ ସାମନ୍ତରାୟ ପ୍ରମୁଖ ଭଜନ ଓ କୀର୍ତ୍ତନ ପରିବେଷଣ କରିଥିଲେ ।

## ସେବା ସମବାୟ ସମିତି ପରିଚାଳନା ପରିଷଦ ସଦସ୍ୟଙ୍କ ପରଲୋକ

ବାଲିଅନ୍ତା,୧୧।୨(ସମିସ): ବାଲିଅନ୍ତା ବ୍ଲକ ଅଧୀନ ସରକଣା ସେବା ସମବାୟ ସମିତିର ପରିଚାଳନା ପରିଷଦ ସଦସ୍ୟ ଉଲ୍ଲାସ ବେହେରାଙ୍କର ଅସ୍ୱାଭାବିକ ମୃତ୍ୟୁ ହୋଇଯାଇଛି । ଗତ ଦୁଇଦିନ ତଳେ ଉଲ୍ଲାସଙ୍କ ସ୍ୱାସ୍ଥ୍ୟ ଅବସ୍ଥା ଜଟିଳ ହୋଇପଡ଼ିଥିଲା । ଛାତିରେ ଯନ୍ତ୍ରଣା ଅନୁଭବ କରିବାରୁ ତାଙ୍କୁ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ହେଲେ ଶନିବାର ରାତି ୧ଟା ସମୟରେ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ । ଉଲ୍ଲାସ ୨ଟି ନିର୍ବାଚନରେ ସରକଣା ସେବା ସମବାୟ ସମିତିରେ ପରିଚାଳନା ପରିଷଦ ସଦସ୍ୟ ଭାବେ ନିର୍ବାଚିତ ହୋଇଥିବା ବେଳେ ବିଭିନ୍ନ ସାମାଜିକ ଅନୁଷ୍ଠାନରେ କାର୍ଯ୍ୟକର୍ତ୍ତା ଅଛନ୍ତି । ଉଲ୍ଲାସଙ୍କ ମୃତ୍ୟୁରେ ସମିତି ସମ୍ପାଦକ ଭାଗ୍ୟଧର ମହାନ୍ତି, ନିରଞ୍ଜନ ମହାପାତ୍ର ଏବଂ ପୂର୍ବତନ ସରପଞ୍ଚ ସୂର୍ଯ୍ୟ ନାରାୟଣ ଦାଶ ଗଭୀର ଶୋକ ପ୍ରକାଶ କରିଛନ୍ତି ।

## ୪ ଏକାଡେମୀର ଅବସରପ୍ରାପ୍ତ କର୍ମଚାରୀଙ୍କ ବୈଠକ

ଧଉଳି, ୧୧।୨(ସମିସ): ଓଡିଶା ସରକାରଙ୍କ ଦ୍ୱାରା ପ୍ରତିଷ୍ଠିତ ଓ ପରିଚାଳିତ ରାଜ୍ୟର ଭାଷା ସାହିତ୍ୟ ସଂସ୍କୃତିର ପ୍ରଚାର ଓ ପ୍ରସାର ନିମନ୍ତେ ପ୍ରତିଷ୍ଠିତ ରାଜ୍ୟର ୪ଟି ଏକାଡେମୀ ଯଥା ଓଡ଼ିଶା ସଂଗୀତ ନାଟକ ଏକାଡେମୀ, ଓଡ଼ିଶା ସାହିତ୍ୟ ଏକାଡେମୀ, ଓଡ଼ିଶା ଲଳିତ କଳା ଏକାଡେମୀ, ଓଡ଼ିଶା ଡ୍ୟାନ୍ସ ଏକାଡେମୀର ଅବସରପ୍ରାପ୍ତ କର୍ମଚାରୀମାନଙ୍କର ଏକ ବୈଠକ ବଡ଼ ଧାନପୁର ଠାରେ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ କର୍ମଚାରୀମାନେ ଅଦ୍ୟାବଧି ପେନ୍‌ସନ ପାଇବାରୁ ବଞ୍ଚିତ ହୋଇ ବହୁ ଦୁଃଖରେ କାଳାତିପାତ କରୁଥିବାରୁ ରାଜ୍ୟ ସରକାର ସେମାନଙ୍କ ବିଷୟ ବିଚାର କରିବା ପାଇଁ ଅନୁରୋଧ କରିଥିଲେ । ପ୍ରକାଶ ଥାଉକି ୧୯୯୪ ମସିହାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ପେନ୍‌ସନ ପାଇବା ଦିଗରେ ଏକ ବିଜ୍ଞପ୍ତି ଜାରିକରିଥିଲେ ମଧ୍ୟ ଏହା ଦୁଇବର୍ଷ କାର୍ଯ୍ୟକାରୀ କଲାପରେ ଆଉ କାର୍ଯ୍ୟକାରୀ ହେଉନାହିଁ । ସମ୍ପ୍ରତି ଓଡ଼ିଆ ଭାଷା ସାହିତ୍ୟ ସଂସ୍କୃତିର ପ୍ରସାର ନିମନ୍ତେ ରାଜ୍ୟ ସରକାର ବହୁ ପଦକ୍ଷେପ ନେଉଥିବାବେଳେ ଏହି ଏକାଡେମୀ ଗୁଡ଼ିକର ଅବସର ଓ କାର୍ଯ୍ୟରତ ପ୍ରାୟ ମୋଟ ୫୦ ଜଣ କର୍ମଚାରୀଙ୍କର ପରିବାର କିଭଳି ପେନ୍‌ସନ ପାଇବେ ତାହା ବିଚାରକରି କାର୍ଯ୍ୟକାରୀ କରିବା ପାଇଁ ନିର୍ଦ୍ଦେଶ ଦେବାକୁ ଅବସରପ୍ରାପ୍ତ କର୍ମଚାରୀଙ୍କ ତରଫରୁ ଅନୁଷ୍ଠିତ ବୈଠକରେ ଏହାର ସଭାପତି ହରେକୃଷ୍ଣ ରାଉତ ଜଣାଇଛନ୍ତି । ଶେଷରେ ବୈଠକରେ ଆବାହକ ତ୍ରିଲୋଚନ ସୁନ୍ଦରରାୟ ଧନ୍ୟବାଦ ଅର୍ପଣ କରିଥିଲେ ।

## ଟ୍ରାନ୍ସ କୁଇନ୍ ଓ ଟ୍ରାନ୍ସ ହ୍ୟାଣ୍ଡସମ୍ ପ୍ରତିଯୋଗିତା



ଭୁବନେଶ୍ୱର, ୧୧।୨(ସମିସ): ରୁଚିକା ସମାଜ ମଙ୍ଗଳ ସଂଗଠନ ଓ ଟ୍ରାନ୍ସ ଜେଣ୍ଡର ଆସୋସିଏସଅନ୍‌ର ମିଳିତ ଆନୁକୂଲ୍ୟରେ ଭୁବନେଶ୍ୱରର ହୋଟେଲ ପ୍ରିନ୍ସଠାରେ ଟ୍ରାନ୍ସ କୁଇନ ଓ ଟ୍ରାନ୍ସ ହ୍ୟାଣ୍ଡସମ୍ ପ୍ରତିଯୋଗିତା -୨୦୨୪ ଆୟୋଜିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ୫୦ ଜଣ ଟ୍ରାନ୍ସ ଜେଣ୍ଡରମାନଙ୍କ ମଧ୍ୟରୁ ବ୍ଲାକ କୁଇନ୍ ଜେନା ଟ୍ରାନ୍ସ କୁଇନ ୨୦୨୪ ଓ ସୁମିତ ବେହେରା ଟ୍ରାନ୍ସ ହ୍ୟାଣ୍ଡସମର ମୁକୁଟ ପିନ୍ଧିଛନ୍ତି । ସେମାନଙ୍କ ମଧ୍ୟରେ ଥିବା ଅନ୍ତର୍ନିହିତ ଗୁଣାବଳୀର ପରିପ୍ରକାଶ କରି ଏହାକୁ ଲୋକଲୋଚନକୁ ଆଣିବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ବୋଲି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଅପରାଧ ପୁଲିସ ଶାଖାର ଇନ୍ସପେକ୍ଟର ଜେନେରାଲ୍ ଏସ. ସାଇନି ମତବ୍ୟକ୍ତ କରିଛନ୍ତି । ହୋଟେଲ ପ୍ରିନ୍ସ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥିଭାବେ ଭାଷା ବିଜ୍ଞାନର ପ୍ରଣମ୍ୟ ପୁରୁଷ ତଥା ପ୍ରଥମ ବିଶ୍ୱ ଓଡ଼ିଆ ପୁରସ୍କାର ବିଜେତା ପଦ୍ମଶ୍ରୀ ଦେବୀ ପ୍ରସନ୍ନ ପଟ୍ଟନାୟକ, ଟେକ୍ ମହିନ୍ଦ୍ରା ଲିମିଟେଡର ଲୋକେସନ୍ କାଉନ୍‌ସିଲର ସଦସ୍ୟ ହର ପ୍ରସାଦ ଦାସ ଓ ଟେକ୍ ମହିନ୍ଦ୍ରା ଫାଉଣ୍ଡେସନର ଲୋକେସନ୍ ମୁଖ୍ୟ ରଶ୍ମି ରଞ୍ଜନ ମହାନ୍ତି ଯୋଗଦେଇଥିଲେ । ଅତିଥିମାନଙ୍କୁ ସ୍ୱାଗତ କରି ସଂଗଠନର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଧିକାରୀ ଡଃ ବେଣୁଧର ସେନାପତି ରୁଚିକା ସଂଗଠନ ଟ୍ରାନ୍ସ ଜେଣ୍ଡର୍‌ମାନଙ୍କପାଇଁ ଭରତପୁର, ଡମଣା ଠାରେ ୨୦୧୯ ମସିହାଠାରୁ ଟେକ୍ ମହିନ୍ଦ୍ରା ଫାଉଣ୍ଡେସନ ସ୍ମାର୍ଟ ତାଲିମ୍ କେନ୍ଦ୍ର ଚଲାଇ ବହୁ କିନ୍ନରଙ୍କୁ ତାଲିମ୍ ଦେବା ସହିତ ବିଭିନ୍ନ କରପୋରେଟ୍ କାର୍ଯ୍ୟାଳୟରେ ଚାକିରି କରିବାର ସୁଯୋଗ ଦେଇ ଆସୁଛି ବୋଲି କହିଛନ୍ତି । ଟ୍ରାନ୍ସ କୁଇନ ଓ ଟ୍ରାନ୍ସ ହ୍ୟାଣ୍ଡସମ୍ ପୁରସ୍କାର ବ୍ୟତୀତ ଏହି ପ୍ରତିଯୋଗିତାରେ ରନର୍ସଅପ୍ -୨୦୨୪ ଭାବେ ଡଃ ସଞ୍ଜୟ ସାମଲ, ଟ୍ରାନ୍ସ ଡ୍ୟାନ୍ସର ୨୦୨୪ ଭାବେ ଅନନ୍ୟା ଦାସ, ଟ୍ରାନ୍ସ ବିଉଟି-୨୦୨୪ ଭାବେ ଦିବ୍ୟାଂଶୀ, ଟ୍ରାନ୍ସ ଇଣ୍ଟେଲେକ୍ଟଭାବେ ତାରିଣୀ ନାୟକଙ୍କୁ ପୁରସ୍କୃତ କରାଯାଇଛି । ଏହା ବ୍ୟତୀତ ୧୨ ଜଣ ଟ୍ରାନ୍ସ ଗୁରୁଙ୍କୁ ଗୁରୁ ଗୌରବ ସମ୍ମାନ ୨୦୨୪ ରେ ଭୂଷିତ କରାଯାଇଛି ।

## ଆୟକର କର୍ମଚାରୀ ମହାସଂଘର ସ୍ଥାପନା ଦିବସ

ଭୁବନେଶ୍ୱର,୧୧।୨(ସମିସ) : ଆୟକର କର୍ମଚାରୀ ମହାସଂଘର ୭୨ ତମ ସ୍ଥାପନା ଦିବସ ଗତ ଶନିବାର ପାଳିତ ହୋଇଯାଇଛି । ମହାସଂଘର ପତାକାକୁ ଓଡ଼ିଶା ଆୟକର କର୍ମଚାରୀ ମହାସଂଘର ସଭାପତି ରାଧାଶ୍ୟାମ ଗିରି ଉତ୍ତୋଳନ କରିବା ସହିତ ସଦସ୍ୟମାନଙ୍କୁ ଉଦବୋଧନ ଦେଇଥିଲେ । ଉତ୍ସବରେ ଯୋଗଦେଇ ବିଶିଷ୍ଟ ବ୍ୟକ୍ତି ବିଶେଷ ସଙ୍ଗଠନକୁ ଅଧିକ ମଜବୁତ କରିବାରେ ପୂର୍ବ ସଦସ୍ୟମାନଙ୍କ ତ୍ୟାଗ ଓ ସଂଘର୍ଷକୁ ମନେ ପକାଇଥିଲେ । ବିଗତ ବର୍ଷମାନଙ୍କରେ ନିଜର ନ୍ୟାୟୋଚିତ ଦାବି ହାସଲ କରିବାରେ ସଂଗଠନ ଦ୍ୱାରା କରାଯାଇଥିବା ଆନ୍ଦୋଳନ ଓ ଅନ୍ୟାନ୍ୟ କାର୍ଯ୍ୟପନ୍ଥା ବିଷୟରେ ବକ୍ତାମାନେ ନିଜ ବକ୍ତବ୍ୟରେ ସୂଚାଇଥିଲେ । ଆଗାମୀ ଦିନରେ ସେଭଳି ଏକତା ଓ ପ୍ରତିବଦ୍ଧତା ଜାରି ରଖିବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା । ସଭାରେ ଓଡିଶା ଆୟକର ଗେଜେଟେଡ଼ ଅଧିକାରୀ ସଂଘର ସାଧାରଣ ସମ୍ପାଦକ ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଓଡିଶା ଆୟକର କର୍ମଚାରୀ ପେନସନଧାରୀ ସଂଘର ରବିନ୍ଦ୍ରନାଥ ମହାନ୍ତି, ଓଡିଶା ଆୟକର କର୍ମଚାରୀ ମହାସଂଘର ପୂର୍ବତନ ସାଧାରଣ ସମ୍ପାଦକ ବ୍ରଜେନ୍ଦ୍ରନାଥ ମହାନ୍ତି, ଦୀନବନ୍ଧୁ ସ୍ୱାଇଁ ପ୍ରମୁଖ ନିଜର ଅଭିଭାଷଣ ରଖିଥିଲେ । ଏହି କାର୍ଯ୍ୟକ୍ରମରେ ପି.କେ ପାଟଶାଣୀ, ସାଧାରଣ ସମ୍ପାଦକ ସର୍ବଭାରତୀୟ ରେଳବାଇ ସଂଘ ଓ ଡ଼. ଦେବାଶିଷ ମିଶ୍ର, ଓଡିଶା ରକ୍ତ ଭଣ୍ଡାର, ବିଶେଷ ଅତିଥି ଭାବେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ । ଡ଼. ମିଶ୍ର ରକ୍ତଦାନ ଓ ତାର ଉପାଦେୟତା ଉପରେ ବିଶିଷ୍ଟ ଆଲୋକପାତ କରିଥିଲେ ।

